## ସଂକ୍ଷେପରେ

### ସୁନାଚେନ୍, ଟଙ୍କା ଲୁଟିନେଲେ

କୁଳିଅଣା,୨୫।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାରିପଦା ରାସ୍ତାରୁ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଏନେଇ କୁଳିଅଣା ଥାନାରେ ଅଭିଯୋଗ ପରେ ପୋଲିସ (ନଂ. ୪୬/୨୩)ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଗାଙ୍ଗରାଜ ପଞ୍ଚାୟତର ରଘୁନାଥଗଞ୍ଜ ଗ୍ରାମର ମଞ୍ଜୁ ଶେଜପଡ଼ା ମହିଳାଙ୍କ ସହିତ ପ୍ରାତଃ ଭ୍ରମଣରେ ଯାଇଥିଲେ। ସେ ସମୟରେ ଏକ କଳା ରଙ୍ଗର ପଲ୍‌ସର ବାଇକରେ ଦୁଇ ଯୁବକ ଆସି ସେ ପିନ୍ଧିଥିବା ୧୫ଗ୍ରାମର ସୁନା ଚେନଟି ଟାଣି ନେଉଥିଲେ। ଏ ନେଇ ମଞ୍ଜୁଙ୍କ ଝିଅ ହିମାଦ୍ରୀ ଥାନାରେ ଅଭିଯୋଗ କରିଥିଲେ।
ସେହିପରି ସନ୍ଧ୍ୟା ସମୟରେ ଖୁଣ୍ଟାପାଳ ଗ୍ରାମରେ ରହି ରାଜମିସ୍ତ୍ରୀ କାମ କରୁଥିବା ମୀରଜା ଘରକୁ ଫେରୁଥିଲେ। ସେ ସମୟରେ ପଛପଟୁ ଏକ ବାଇକରେ ଦୁର୍ବୃତ୍ତ ଆସି ଧକ୍କା ମାରି ମୋବାଇଲ ସହିତ ଏକ ହଜାର ଟଙ୍କା ନେଇ ଯାଇଥିଲେ। ପରେ ରାସ୍ତାରେ ମୋବାଇଲଟି ପକେଇ ପଳାଇ ଯାଇଥିଲେ। ଏ ନେଇ କୁଳିଅଣା ଥାନାରେ(ନଂ.୪୭/୨୩)ମାମଲା ରୁଜୁ ହୋଇଛି। ବାଇକ ସହିତ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲୁଥିବା ପୋଲିସ ସୂଚନା ଦେଇଛି।

### ଲାଇନମ୍ୟାନ୍‌ଙ୍କ ବିରୋଧରେ ଠକେଇ ଅଭିଯୋଗ

ମୋରଡା,୨୫।୩(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ବିଦ୍ୟୁତ୍ ବିଭାଗ ସେକ୍ସନର ଉପଭୋକ୍ତାଙ୍କୁ ବିଭାଗୀୟ ଲାଇନମ୍ୟାନ ଠକୁଥିବା ଅଭିଯୋଗ ହୋଇଛି। ବିନା ରସିଦରେ ବିଲ ଆଦାୟ କରିବା ସହ ନୂଆ ମିଟର ଲଗାଇବା ବାହାନାରେ ଟଙ୍କା ନେଉଛନ୍ତି। କେତେବେଳେ ଘୋରାଇ, ଆଞ୍ଚଳିକ ଉତ୍ସବରେ ଅସ୍ଥାୟୀ ବିଦ୍ୟୁତ ଯୋଗାଣ ଅନୁମତି ପାଇଁ ବିଭାଗ ନାମରେ ଟଙ୍କା ଆଦାୟ କରୁଥିବା ନେଇ ଉପଭୋକ୍ତା ବିଜୁ ଧଳ, ଦୁଲାଲ ମୁର୍ମୁ, ବାପୁ କୁମାର ସିଂ ଅଭିଯୋଗ କରିଛନ୍ତି। ଏନେଇ ଉପଭୋକ୍ତା ଏବଂ ଲାଇନମ୍ୟାନଙ୍କ କଥାବାର୍ତ୍ତାର ଏକ ଅଡିଓ ମଧ ସୋସିଆଲ ମିଡିଆରେ ଭାଇରାଲ ହେଉଛି।
ସୂଚନା ଅନୁଯାୟୀ, ବାରିପଦା ବିଦ୍ୟୁତ୍ ଡିଭିଜନ ଅଧୀନ ମୋରଡ଼ା ବିଦ୍ୟୁତ ଉପଖଣ୍ଡରେ ମୋରଡ଼ା ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ରହିଛି। ଏହି ସେକ୍ସନ ଅଧୀନ ନୁଆଝାଲିଆଠାରେ ନିହାର ରଞ୍ଜନ ବେହେରା ଲାଇନମ୍ୟାନ ଭାବେ କାର୍ଯ୍ୟ କରୁଛନ୍ତି। ଲାଇନମ୍ୟାନ ନିହାର ଉପଭୋକ୍ତାଙ୍କୁ ସେବା ଯୋଗାଇ ଦେବା ଆଳରେ ବିନା ରସିଦରେ ଅର୍ଥ ନେଇଥିବା ଅଭିଯୋଗ ହୋଇଛି। ଏଭଳି ଲୁଟ୍ ନେଇ ଗତ ବର୍ଷ ମଧ ଲାଇନମ୍ୟାନଙ୍କ ବିରୋଧ ଅଭିଯୋଗ ହୋଇଥିଲା। ଏବାବଦରେ ବିଦ୍ୟୁତ ବିଭାଗୀୟ ଅଧିକାରୀ ତଥା କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଅଭିଯୋଗର ସତ୍ୟାସତ୍ୟ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣାକୁ ବିରୋଧ କରିଛି ଅଣ ରାଜନୈତିକ ସଂଗଠନ ଭଞ୍ଜସେନା। ଆଗାମୀ ସାତ ଦିନ ମଧରେ ଲାଇନ୍‌ମ୍ୟାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଅଫିସରେ ତାଲା ପକାଇବା ସହିତ ସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି ଭଞ୍ଜସେନାର ବ୍ଲକ ସଭାପତି ପରିତୋଷ ବାରିକ କହିଛନ୍ତି।

# ବିପଦରେ ଶୀତଳପୁରର ୫ ପରିବାର

**ଆରଡ଼ି, ୨୫।୩ (ଡି.ଏନ.ଏ.)**

■ନଦୀଗର୍ଭକୁ ଧସିଲା ସାଳନ୍ଦୀ ସୁରକ୍ଷାବନ୍ଧ
■ବୁଲି ଦେଖିଲେ ଜଳସେଚନ ବିଭାଗ ଯନ୍ତ୍ରୀ

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତର ଶୀତଳପୁର ନିକଟରେ ସାଳନ୍ଦୀ ନଦୀର ସୁରକ୍ଷାବନ୍ଧ ଶୁକ୍ରବାର ପ୍ରାୟ ୭୦ ଫୁଟ୍ ଧସିଯାଇଛି। ପଥରପ୍ୟାକିଂ କାର୍ଯ୍ୟ ଚାଲିଥିବା ବେଳେ ସୁରକ୍ଷାବନ୍ଧ ଧସି ନଦୀଗର୍ଭକୁ ଚାଲିଯାଇଛି। ଏପରିକି ନଦୀକୂଳରେ ଥିବା ୧୦ ପରିବାର ମଧ୍ୟରୁ ୫ଜଣଙ୍କ ଘର ଚଟାଣ ଦବିଯିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଏଥିସହ ୨ଟି ଗୋରୁ ଗୁହାଳ ମଧ ନଦୀ ଆଡ଼କୁ ଢଳି ପଡ଼ିଛି। ଅମାବାସ୍ୟା ତିଥିରେ ନଦୀ ଜୁଆରିଆ ରହୁଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ତେବେ ୫ ପରିବାରର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।

ପ୍ରତିବର୍ଷ ଏଭଳି ସମସ୍ୟା ଦେଖାଦେଉଥିବା ବେଳେ ଦୁଇବର୍ଷ ମଧରେ ପ୍ରାୟ ୩ ଥର ନଦୀ ସୁରକ୍ଷାବନ୍ଧ ଧସିବା ଜଳସେଚନ ବିଭାଗ ଅଧିକାରୀଙ୍କ ନିଦ ହଜାଇ ଦେଇଛି। ଏହି ୨ ବର୍ଷ ଭିତରେ ପଥରପ୍ୟାକିଂ କାର୍ଯ୍ୟ ଚାଲୁଥିବା ବେଳେ ନଦୀ ପ୍ରାୟ ୧୫ ଫୁଟ୍ ଗାଁ ଆଡ଼କୁ ମାଡ଼ି ଆସିଛି। ଯେଉଁ ସୁରକ୍ଷାବନ୍ଧ ନଦୀକୁ ଧସିଛି ତାହା ଗ୍ରାମରାସ୍ତା ହୋଇଥିବାରୁ ଲୋକଙ୍କ ଯିବାଆସିବାରେ ବାଧା ଉପୁଜିଛି। ଏଥିସହ ଉକ୍ତ ରାସ୍ତା ଦେଇ ପିଲାମାନେ ବିଦ୍ୟାଳୟକୁ ଯାଇଥାନ୍ତି। ଏହା ଧସିବା ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ କୁମ୍ଭୀର ଭୟରେ ସୁରକ୍ଷାବନ୍ଧ ପାର୍ଶ୍ୱରେ ଗ୍ରାମବାସୀ ବାଉଁଶ ପୋତି ଜାଲ ବାନ୍ଧିଥିଲେ। ତାହା ମଧ ନଦୀଗର୍ଭକୁ ଚାଲିଯାଇଛି। ଫଳରେ ପୁଣି ନଦୀବନ୍ଧ ଧସିବା ଆଶଙ୍କାରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି।



ନଦୀ ମଧକୁ ଧସିଥିବା ସୁରକ୍ଷା ବନ୍ଧ ବୁଲି ଦେଖୁଛନ୍ତି ଅଧିକାରୀ।

ତେବେ ଶନିବାର ଜଳସେଚନ ବିଭାଗର ଯାଜପୁର ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ, ଉପଖଣ୍ଡ ଅଧିକାରୀ ବିଜୟ କୁମାର ସେଠୀ ଓ କନିଷ୍ଠ ଯନ୍ତ୍ରୀ କିଶୋର ଦାସ ସୁରକ୍ଷା ବନ୍ଧ ଧସିଥିବା ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସୁରକ୍ଷାବନ୍ଧ ଧସିଥିବା ସ୍ଥାନରେ ପଥରପ୍ୟାକିଂ କାର୍ଯ୍ୟ ଚାଲୁ ରହିବ। ଏଥିସହ ପଥରପ୍ୟାକିଂ ସ୍ଥାନ ଉପରେ ନିତିଦିନିଆ ରାସ୍ତା ଗ୍ରାମବାସୀଙ୍କ ପରାମର୍ଶରେ କରାଯିବ ଓ ସାଳନ୍ଦୀ ନଦୀ ପାଖ ଗ୍ରାମପାର୍ଶ୍ୱରେ ୨ଶହ ମିଟର ବ୍ୟବଧାନରେ ୨ଟି ସ୍ପର ନିର୍ମାଣ ହେବ ବୋଲି ଯନ୍ତ୍ରୀ କହିଛନ୍ତି।

# ଓକିଲ ସଂଘ ନିର୍ବାଚନ

## ଆଶିଷ ସଭାପତି, ସଞ୍ଜିତ ସମ୍ପାଦକ ନିର୍ବାଚିତ

**କେନ୍ଦୁଝର,୨୫।୩ (ସ୍ୱ.ପ୍ର./ଡି.ଏନ୍.ଏ)**





କେନ୍ଦୁଝର ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାବରେ ପୂର୍ବତନ ସଭାପତି ଆଶୀଷ ଚକ୍ରବର୍ତ୍ତୀ ପୁନର୍ବାର ବିଜୟୀ ହୋଇଛନ୍ତି। ସମ୍ପାଦକ ଭାବରେ ସଞ୍ଜିତ୍ ଦାସ, ଉପସଭାପତି ଭାବରେ ଆଲୋକ ମହାନ୍ତ ନିର୍ବାଚିତ ହୋଇଛନ୍ତି। ସଭାପତି ଆଶୀଷ ୨୨୯ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ ମିଶ୍ର ୧୫୩ ଭୋଟ ପାଇଥିଲେ। ସେହିପରି ଉପସଭାପତି ଆଲୋକ ମହାନ୍ତ ୨୪୧ ଟି ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିନିତା ଦାସ ୧୨୫ ଭୋଟ ପାଇଥିଲେ। ସମ୍ପାଦକ ଭାବରେ ନିର୍ବାଚିତ ସଞ୍ଜିତ ଦାସ ୨୧୫ ଭୋଟ ପାଇଥିଲେ। ସମୁଦାୟ ୪୨୦ ଜଣ ସଦସ୍ୟ ମତଦାନ କରିଥିଲେ।

## କୁଞ୍ଜବିହାରୀ ସଭାପତି, ବିଜନ କୁମାର ସମ୍ପାଦକ

**ଜଳେଶ୍ୱର, ୨୫।୩(ଡି.ଏନ.ଏ.)**



ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ଓକିଲ ସଂଘର ନିର୍ବାଚନ ହେଉଥିବା ପରିପ୍ରେକ୍ଷୀରେ ଶନିବାର ଜଳେଶ୍ୱର ବାର୍ ପକ୍ଷରୁ ନିର୍ବାଚନ ଶେଷ ହୋଇଛି। ଏଥିରେ ୧୫୪ଜଣ ଭୋଟର ଥିବା ବେଳେ ୧୪୮ ଜଣ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଏଥିରେ ୧୦୮ ଖଣ୍ଡ ଭୋଟ ପାଇ ସଭାପତି ଭାବେ କୁଞ୍ଜବିହାରୀ ଦାସ ବିଜୟୀ ହୋଇଥିବା ବେଳେ ୭୩ ଖଣ୍ଡ ଭୋଟ ପାଇ ବିଜନ କୁମାର ଦେ ସମ୍ପାଦକ ଏବଂ ୯୦ଖଣ୍ଡ ଭୋଟ ପାଇ ବିନୋଦ କୁମାର ଗିରି କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୩ଟି ପଦବୀ ଲାଗି ନିର୍ବାଚନ ହୋଇଥିବା ବେଳେ ଉପସଭାପତି ଭାବେ ଭବାନୀ ଶଙ୍କର ଭଞ୍ଜ, ଯୁଗ୍ମ ସମ୍ପାଦକ ଭାବେ ସବିତା ସାହୁ, ସହ ସମ୍ପାଦକ ଭାବେ ଜଗଦୀଶ ଚନ୍ଦ୍ର ପାଳ, ପାଠାଗାର ସମ୍ପାଦକ ଭାବେ ବୀରେନ୍ଦ୍ର ନାଥ ମହାନ୍ତି, ସହ ସମ୍ପାଦକ ଭାବେ ରାମକୃଷ୍ଣ ନନ୍ଦୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଅଜିତ୍ କୁମାର ସୁର, ଅସୀମ କୁମାର ଦେ, ବିଷ୍ଣୁପଦ ଦାସ ମହାପାତ୍ର, ଲକ୍ଷ୍ମୀନାରାୟଣ ପ୍ରମାଣିକ, ରେଜିଆ ସୁଲତାନା ବେଗମ୍, ସରୋଜ କୁମାର ଭୂୟାଁ ଓ ସ୍ନିଗ୍ଧା ପାଣିଗ୍ରାହୀ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସେକ୍ ଏସାକ୍ ବେଗ୍ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧରେ ଭବାନୀ ଶଙ୍କର ଦେ, ରମାକାନ୍ତ ସାହୁ, ନିର୍ମଳେନ୍ଦୁ ଜେନା ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ।

## ତାରାକାନ୍ତ ସଭାପତି, ମାନସ ସମ୍ପାଦକ



ବାସୁଦେବପୁର ଓକିଲ ସଂଘର ନୂତନ କର୍ମକର୍ତ୍ତା।

**ବାସୁଦେବପୁର, ୨୫।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ତାରାକାନ୍ତ ଡାଙ୍ଗୁଆ, ସମ୍ପାଦକ ଭାବେ ମାନସ କୁମାର ନାୟକ, ସହସମ୍ପାଦକ ରମେଶ ଚନ୍ଦ୍ର ଜେନା, ଉପସଭାପତି ଦିଲୀପ କୁମାର ନାୟକ ଓ କୋଷାଧକ୍ଷ ଭାବେ ଚକ୍ରଧର ମହାଳିକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ସ୍ଥିତପ୍ରଜ୍ଞ ସାମଲ, ସ୍ୱରୂପାନନ୍ଦ ଦାଶ ଓ ସଜିତ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଜୟୀରାମ ମଲ୍ଲିକ ନିର୍ବାଚନ ପରିଚାଳନା କରିଥିଲେ।

## ଦେବପ୍ରିୟ ସଭାପତି, ଗାୟତ୍ରୀ ସମ୍ପାଦକ ନିର୍ବାଚିତ

**ବଡ଼ବିଲ,୨୫।୩(ସ୍ୱ.ପ୍ର.)**





କେନ୍ଦୁଝର ଜିଲା ବଡ଼ବିଲ ବାର ଆସୋସିଏସନର ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ସଭାପତି ଭାବେ ଦେବପ୍ରିୟ ରଣା ଓ ସମ୍ପାଦକ ଭାବେ ଗାୟତ୍ରୀ କୁନାରବାବୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ପ୍ରତାପ ଜେନା, ଯୁଗ୍ମ ସମ୍ପାଦକ ଭାବେ ଲକ୍ଷ୍ମୀ ଖୁଣ୍ଟିଆ, ସହ ସମ୍ପାଦକ ସଞ୍ଜୟ ମହାପାତ୍ର, କୋଷାଧକ୍ଷ ପ୍ରଦୀପ ମହାନ୍ତି, ଲାଇବ୍ରେରୀ ସମ୍ପାଦକ ମିହିର ନାମତୋଆର, ଲାଇବ୍ରେରୀ ସହ ସମ୍ପାଦକ ରମେଶ ଚନ୍ଦ୍ର କାରୁଆ, ଏକଜୁକ୍ୟୁଟିଭ କମିଟି ସଦସ୍ୟ ଭାବେ ବିଷ୍ଣୁପ୍ରିୟା ସେଠୀ, ଲବଙ୍ଗଲତା ଲୋହାର, କମଳା ପାତ୍ର ଓ ଜଗନ୍ନାଥ ସେଠୀ ମଧ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଗଗନ ବିହାରୀ ଭଞ୍ଜମିଶ୍ର ଘୋଷଣା କରିଛନ୍ତି। ସମସ୍ତ ନିର୍ବାଚିତ ପ୍ରତିନିଧି ୨୦୨୩-୨୪ ବର୍ଷ ପାଇଁ କାର୍ଯ୍ୟ କରିବେ।

# ଏନ୍‌ଏସ ପୋଲିସ ହାଇସ୍କୁଲର ବାର୍ଷିକୋତ୍ସବ



**କେନ୍ଦୁଝର,୨୫।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସ୍ଥାନୀୟ ଏନ୍‌ଏସ ପୁଲିସ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାରରେ ଅନୁଷ୍ଠିତ ହୋଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମୟର ସଦୁପଯୋଗ, ମାତାପିତାଙ୍କୁ ଉପଯୁକ୍ତ ଯତ୍ନ ନେବା, ନିଜର ଜନ୍ମ ଦିବସରେ ଚାରାରୋପଣ କରିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକରୀ ମାନସ ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା ରାଜ୍ୟମାନ୍ୟତା ପ୍ରାପ୍ତ ଯୋଗ ପ୍ରଶିକ୍ଷକ ଡମ୍ବରୁଧର ସାହୁ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ସଞ୍ଜୟ ସାମଲ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥଲେ। ଶିକ୍ଷକ ବିଜୟ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ୨୦୨୨ ଶ୍ରେଷ୍ଠ ମାଟ୍ରିକୁଲେଟ ରୋହିତ ସାହୁ ଏବଂ ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ବିଶ୍ୱଜିତ୍ ସେଠୀ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୁରୁଦେବ ମହାନ୍ତ, ବିବେକାନନ୍ଦ ରାଉତ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ରାଉତ, ଶିକ୍ଷୟିତ୍ରୀ ମମତାରାଣୀ ମହାନ୍ତ, ସାଗରିକା ସାହୁ, ଯାତ୍ରୀ ମହାନ୍ତ, ଭାଗ୍ୟଶ୍ରୀ ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କମଳ ଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

**ଗୋପବନ୍ଧୁ ନଗର,୨୫।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଓ ପ୍ରତିଷ୍ଠାନ ପ୍ରଶିକ୍ଷକ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ୍ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରଞ୍ଜିତା ପଣ୍ଡା, ବିଆରସିସି କୁଳମଣି ନାୟକ ଯୋଗଦେଇଥିଲେ। ଉକ୍ତ ବ୍ଲକ୍‌ର ୧୨ କ୍ଲଷ୍ଟର ଥିବା ବେଳେ ପ୍ରତି କ୍ଲଷ୍ଟରରୁ ଦୁଇ ରୁ ତିନୋଟି ଉତ୍ତମ ମାନର ଶିକ୍ଷଣ ସାମଗ୍ରୀ ଅଣାଯାଇ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ବନ୍ଧୀୟ ଶିକ୍ଷଣୀୟ ସାମଗ୍ରୀ ରହିଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଉତ୍ତମ ପ୍ରଦର୍ଶନୀ କରିଥିବା ମୋଟ ୨୪ ଜଣ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ସିଆରସିସି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଧୂଳି ଯୋଗୁ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

**କେନ୍ଦୁଝର, ୨୫।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଜାତୀୟ ରାଜପଥ ୨୦ର ହୁଣ୍ଡୁଳା ପେଟ୍ରୋଲ ପମ୍ପ ନିକଟରେ ରାସ୍ତାରେ ପଡ଼ିଥିବା କଳାଗୁଣ୍ଡି ଏବଂ ଧୂଳି ଜମି ରହିଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଶୁକ୍ରବାର ବିଳମ୍ବିତ ରାତିରେ ଧୂଳିରେ ରାସ୍ତା ଦୃଶ୍ୟମାନ ନ ହେବାରୁ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ଟ୍ରକ୍ ୧୦୮ ଆମ୍ବୁଲାନ୍ସକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସଟି ଆଗରେ ଥିବା ଆଉ ଏକ ଟ୍ରକ୍‌ରେ ପିଟି ହୋଇଥିଲା। ଏଥିରେ କାହାର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଦୀର୍ଘ ଦିନ ହେବ ମାଟି ଓ କଳାଗୁଣ୍ଡି ପଡ଼ିଛି। ସଫେଇ କରାଯାଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# 'ମା'ଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି'

**ଭଦ୍ରକ ଅଫିସ, ୨୫।୩**

■ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ବିବାହିତା ଝିଅ
■ଜମିବାଡ଼ି ବିବାଦରୁ ଅପହରଣ କରିନେଇଥିଲେ

ପୂର୍ବରୁ ମୋ ଭଉଣୀକୁ ପେଟ୍ରୋଲ ଢାଳି ପୋଡ଼ି ମାରିଥିଲେ। ଏବେ ମୋ ମା'ଙ୍କୁ ଅପହରଣ କରିନେଇ ବଳାତ୍କାର ପରେ ହତ୍ୟା କରି ଟ୍ରେନ୍ ଲାଇନରେ ଫିଙ୍ଗି ଦେଇଥିଲେ। ଏପରିକି ମୋ ବାପାଙ୍କୁ ଧମକାଇ ଭୟଭୀତ କରି ମା' ଟ୍ରେନ୍‌ରେ କଟି ମରିଥିବା ଲେଖାଇ ଟିପ ନେଇଗଲେ। ହତ୍ୟା ମାମଲା ପରିବର୍ତ୍ତେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଛେଡ଼ାକ ଅଞ୍ଚଳର ମୃତ ମହିଳାଙ୍କ ବିବାହିତା ଝିଅ ଶନିବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କୁ ନ୍ୟାୟ ପାଇଁ ସେ ଦାବି କରିଛନ୍ତି।

ସେ ଅଭିଯୋଗ କରିଛନ୍ତି ଯେ, ଜମିବାଡ଼ି ବିବାଦକୁ କେନ୍ଦ୍ରକରି କିଛି ଲୋକ ଗତ ଫେବୃୟାରୀ ୨୩ରେ ତାଙ୍କ ମା'ଙ୍କୁ ଅପହରଣ କରିନେଇଥିଲେ। ୪ ଦିନ ପରେ ନିକଟସ୍ଥ ଟ୍ରେନ୍ ଲାଇନଠାରୁ କିଛି ଦୂରରେ ତାଙ୍କ ମୃତଦେହ ମିଳିଥିଲା। ଏନେଇ ତାଙ୍କ ବାପା ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁ କରିଥିଲା। କିନ୍ତୁ ଏହା ଅପମୃତ୍ୟୁ ନୁହେଁ, ମୋ ମାଙ୍କୁ ହତ୍ୟା କରାଯାଇଛି। ଏଣୁ ହତ୍ୟା ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ସେ ଏସ୍‌ପିଙ୍କୁ ଦାବି ଜଣାଇଛନ୍ତି। ଏନେଇ ଏସ୍‌ପି ବରୁଣ ଗୁଣ୍ଠୁପାଲ୍ଲି ବାଂଶଡ଼ା ଥାନାରେ ଆଉଥରେ ଲିଖିତ ଅଭିଯୋଗ କରିବାକୁ ତାଙ୍କୁ ପରାମର୍ଶ ଦେଇଛନ୍ତି। ଅଭିଯୋଗ ପରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ୪ ମାସ ହେଲା ୭ ଗ୍ରାମବାସୀଙ୍କୁ ମିଳିନି ରାଶନ

**କଣ୍ଟ୍ରୋଲ ଦୋକାନ, ପଞ୍ଚାୟତ ସମ୍ମୁଖରେ ଧାରଣା**

**ଜଳେଶ୍ୱର, ୨୫।୩(ଡି.ଏନ.ଏ.)**



ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଶ୍ୟାମନଗର ପଞ୍ଚାୟତର ୭ ଗ୍ରାମବାସୀ ଗତ ୪ମାସ ଧରି ରାଶନ ପାଇନାହାନ୍ତି। ଏହି ଘଟଣା ଜଣାପଡିବା ପରେ ୭ ଗ୍ରାମର ୧୭୪ ପରିବାର ଲୋକେ ଇଞ୍ଜିନିୟର ଡା. ଦୁଲା ମୁର୍ମୁ ଓ ଦୁମନ ହାଁସଦାଙ୍କ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି। ଘଟଣାସ୍ଥଳରେ ବ୍ଲକ ଯୋଗାଣ ଅଧିକାରୀ ସାଗରିକା ରାଉତ ପହଞ୍ଚି ଆଶ୍ୱାସନା ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଶ୍ୟାମନଗର ପଞ୍ଚାୟତ ଘଡଘଡା, ରଞ୍ଝା, ଫୁଲଝରି, ଗରୁଡବସା, ରଘୁନାଥପୁର, ସରାଇବସା ଓ ଶ୍ୟାମନଗର ଗାଁର ୧୭୪ପରିବାରକୁ ଧନଞ୍ଜୟ ସିଂ ନାମକ ଜଣେ ରାଶନ ଦୋକାନୀ ରାଶନ ସାମଗ୍ରୀ ଯୋଗାଇ ଆସୁଥିଲେ। ଗତ ନଭେମ୍ବରରେ ରାଶନ ଦେଇଥିବା ବେଳେ ବାୟୋମେଟ୍ରିକ୍‌ରେ ରାଶନଧାରୀଙ୍କଠାରୁ ଟିପ ନେଇଯାଇଥିଲେ। ଫଳରେ ଡିସେମ୍ବର, ଜାନୁୟାରୀ, ଫେବୃୟାରୀ ମାସର ରାଶନ ଅଦ୍ୟାବଧି ଦେଇ ନ ଥିବା ବେଳେ ସେ ଅଞ୍ଚଳର ଯୁବକ ଇଂ. ଡ. ଦୁଲା ମୁର୍ମୁ ଓ ୱାର୍ଡ ସଦସ୍ୟ ଦୁମନ ହାଁସଦାଙ୍କ ନେତୃତ୍ୱରେ ମେଳି ବାନ୍ଧିଥିଲେ। ସେମାନେ ପ୍ରଥମେ ରାଶନ ଦୋକାନୀ ଧନଞ୍ଜୟ ସିଂଙ୍କ ଘର ସମ୍ମୁଖରେ ଓ ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିଛି। ଖବରପାଇ ଯୋଗାଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୪ମାସ ଧରି ଚାଉଳ ଦେଇ ନ ଥିବା ବେଳେ ଡିସେମ୍ବର ଓ ଜାନୁୟାରୀ ମାସର ରାଶନ ଅତିଶୀଘ୍ର ଦିଆଯିବାର ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷରେ ଫେବୃୟାରୀ ଓ ମାର୍ଚ୍ଚର ରାଶନ ନିକଟରେ ଆସିଥିବା ଅଧିକାରୀ ରାଉତ ସୂଚନା ଦେଇଛନ୍ତି। ନିର୍ଦ୍ଦିଷ୍ଟ ସମୟରେ ରାଶନ ଦେଇ ନ ଥିବାରୁ ଧନଞ୍ଜୟ ସିଂଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ହିତାଧିକାରୀମାନେ କଣ୍ଟ୍ରୋଲ ଡିଲର ଦୋକାନୀଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଦାବି କରିଛନ୍ତି।

# କାଁ ଭାଁ ଖୋଲୁଛି ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ

**ଖଇରା, ୨୫।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରାଠାରେ ଥିବା ସାଳନ୍ଦୀ ଡିଭିଜନର ଉପଖଣ୍ଡ କାର୍ଯ୍ୟାଳୟ ମାସ ମାସ ଧରି ବନ୍ଦ ହୋଇ ରହୁଛି। ଯନ୍ତ୍ରୀମାନେ ସାଇଡ୍‌ରେ କାମ ତଦାରଖ କରୁଥିବା ଆଳରେ ଅଫିସ ମାଟି ମାଡୁନାହାନ୍ତି। ଫଳରେ ବିଭିନ୍ନ ସମସ୍ୟା ବା ଅଭିଯୋଗ ନେଇ ଆସୁଥିବା ଲୋକେ ନିରାଶ ହୋଇ ଫେରିବାକୁ ବାଧ ହେଉଛନ୍ତି। ସମସ୍ତ ଚାଷୀ ଏ ସମ୍ପର୍କରେ ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିବାକୁ ଚେତାବନୀ ଦେଇଛନ୍ତି।

ଖଇରା ଉପଖଣ୍ଡରେ ଚାଲୁଥିବା କାର୍ଯ୍ୟର ତଦାରଖ ତଥା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୧୯୬୦ରେ ଏଠାରେ ଏକ କାର୍ଯ୍ୟାଳୟ ଖୋଲା ଯାଇଥିଲା। ପୂର୍ବରୁ ମାସରେ ୧୫ଦିନ ଏହି କାର୍ଯ୍ୟାଳୟ ଖୋଲୁଥିଲେ ମଧ ଏବେ ସବୁଦିନ ପ୍ରାୟ ବନ୍ଦ ରହୁଥିବା ନେଇ କାର୍ଯ୍ୟାଳୟ ସଂଲଗ୍ନ ଆଳଦା ଗ୍ରାମର ଅଧିବାସୀମାନେ କହିଛନ୍ତି। ବିଶେଷ ଭାବେ ସ୍ୱାଧୀନତା ଓ ସାଧାରଣତନ୍ତ୍ର ଦିବସ କିମ୍ବା ଉପରିସ୍ଥ ଅଧିକାରୀ ଏବଂ ନେତାମାନେ ଆସିଲେ ଜଣେ ଅଧେ ଅଧିକାରୀ ଯୋଗ ଦେଉଥିଲେ ହେଁ ଅନ୍ୟଦିନେ ଯନ୍ତ୍ରୀଙ୍କର ଦର୍ଶନ ମିଳୁନି। ପିଅନ ଝାଡୁମାରି ଚାଲିଯିବା ପରେ ଦିନତମାମ କାର୍ଯ୍ୟାଳୟ ବନ୍ଦ ରହୁଥିବା ଅଭିଯୋଗ ହୋଇଛି। ନିକଟରେ ସାଳନ୍ଦୀ ଡିଭିଜନ ଅଧୀନରେ ଆମ୍ବହତା, ବରଦା, ଚରମ୍ପା ଆଦି କେନାଲରେ ଚାଲିଥିବା କାମର ଅନିୟମିତତା ବାବଦରେ ଅଭିଯୋଗ ଦେବାକୁ ବିଭିନ୍ନ ଗ୍ରାମର ଅଧିବାସୀ କାର୍ଯ୍ୟାଳୟକୁ ଆସୁଥିଲେ ମଧ କାର୍ଯ୍ୟାଳୟ ବନ୍ଦ ଥିବା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସଂକ୍ରାନ୍ତରେ ସହକାରୀ ନିର୍ବାହୀଯନ୍ତ୍ରୀ ଦଶରଥ ମୁର୍ମୁଙ୍କ ସହ ଯୋଗାଯୋଗ କରିବାରେ ସେ ଅଧିକାଂଶ ସମୟ ସାଇଡ୍‌ରେ କାର୍ଯ୍ୟ ତଦାରଖ କରିବା ସହ ଅନ୍ୟ କିଛି ଦିନ ଭଦ୍ରକ ଡିଭିଜନ କାର୍ଯ୍ୟାଳୟରେ ରହୁଥିବାରୁ ଖଇରା ଆସିପାରୁ ନାହାନ୍ତି। ତେବେ ୩ଜଣ କନିଷ୍ଠଯନ୍ତ୍ରୀଙ୍କୁ ଆସିବାକୁ କୁହାଯାଇଥିଲେ ହେଁ ସେମାନେ କାହିଁକି ଅନୁପସ୍ଥିତ ରହୁଛନ୍ତି ଏହା ଉପରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।



ବନ୍ଦ ପଡ଼ିଥିବା ସାଳନ୍ଦୀ ଡିଭିଜନର ଖଇରା ଉପଖଣ୍ଡ କାର୍ଯ୍ୟାଳୟ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ପ୍ରଥମ ବାର୍ଷିକ ସମ୍ମିଳନୀ, ସ୍ଥାନ: ବାଲେଶ୍ୱର ଷ୍ଟେସନ କ୍ଲବ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ହାଇଟେକ୍ ବାଲେଶ୍ୱର କ୍ୟାମ୍ପସ୍‌ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆଇଟିଆଇ ପଡ଼ିଆ, ସମୟ: ଅପରାହ୍ନ ୨ଟା ୪୫ ମିନିଟ୍।

## ସଂକ୍ଷେପରେ

### ବଢୁଛି ତାପମାତ୍ରା, ଗାଁ ମୁହାଁ ବନ୍ୟପ୍ରାଣୀ

ପାଟଣା,୨୫।୩(ସ୍ୱ.ପ୍ର.): ତାପମାତ୍ରା ବୃଦ୍ଧି ସାଙ୍ଗକୁ ଜଙ୍ଗଲ ନିଆଁ ଯୋଗୁ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଛନ୍ତି। କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ରାଇଡ଼ିହା ବିଟ୍ ଅନ୍ତର୍ଗତ ତଳସରୁଆ ଗାଁ ଭିତରକୁ ଶନିବାର ଏକ ହରିଣ ଚାଲି ଆସିଛି। ଏବେ ହରିଣଟି ଗ୍ରାମ୍ୟ ଶାଳ ଜଙ୍ଗଲ ଓ କାଜୁ ବଗିଚାରେ ବୁଲୁଥିବା ସାହାରପଡ଼ା ବନପାଳ କହିଛନ୍ତି। ହରିଣଟି ଖାଦ୍ୟ ଅନ୍ୱେଷଣରେ ଗାଁକୁ ଚାଲି ଆସିଥିବା ବନ ବିଭାଗ ଅନୁମାନ କରୁଛି। ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି, ହରିଣର ସୁରକ୍ଷା ପାଇଁ ଗାର୍ଡ ନିରୂପମା ନାହାକୁଡ଼, ରଞ୍ଜିତା ମହାନ୍ତ ଓ ପାରା ସ୍କ୍ୱାଡ଼ ଜଗି ରହିଛନ୍ତି।

### ଜିଲା ଓକିଲ ସଂଘ ନିର୍ବାଚନ
### ପ୍ରଦୀପ ସଭାପତି, ସମ୍ପାଦକ ହେଲେ ବିପ୍ଳବ

ବାରିପଦା ଅଫିସ, ୨୫।୩- ମୟୂରଭଞ୍ଜ ଜିଲା ଓକିଲ ସଂଘର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ପ୍ରଦୀପ ରଥ ବିଜୟୀ ହୋଇଥିବା ବେଳେ ଉପସଭାନେତ୍ରୀ ଭାବେ ସୁଜାତା ମିଶ୍ର, ସମ୍ପାଦକ ଭାବେ ପୁଣିଥରେ ବିପ୍ଳବ ବାରିକ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ(ପାଠାଗାର) ଭାବେ ମୃତ୍ୟୁଞ୍ଜୟ ସିଂହ, ଯୁଗ୍ମ ସମ୍ପାଦକ(ପ୍ରଶାସନିକ) ଭାବେ ପଙ୍କଜ ମହାକୁଡ, କୋଷାଧକ୍ଷ ଭାବେ ପଦ୍ମଲୋଚନ ମହାନ୍ତ ବିଜୟୀ ହୋଇଛନ୍ତି। ୮ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସତ୍ୟବାନ ପାଲ, ଦୁଷ୍ମନ୍ତ ଦାସ, ଦେବରାଜ ମିଶ୍ର, କ୍ଷିତୀଶ ଚନ୍ଦ୍ର ମହାକୁଡ, ଅଶୋକ ପଣ୍ଡା, ଅନୀଲ ବେହେରା, ରାଜୀବ ମହାନ୍ତି ଓ ଜ୍ଞାନରଞ୍ଜନ ଜେନା ବିଜୟୀ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ସ୍ୱରୂପ ମିଶ୍ର ପୁନର୍ବାର ଏକକ ପ୍ରାର୍ଥୀ ଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ଢାବାରେ ବିଦେଶୀ ମଦ ବିକ୍ରି, ମାଲିକ ଗିରଫ

ଗୋପବନ୍ଧୁ ନଗର, ୨୫।୩ (ଡି.ଏନ.ଏ.)- ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଢାବା ମାଲିକଙ୍କୁ ଖୁଣ୍ଟା ପୋଲିସ ଗିରଫ କରିଛି। ସେ ହେଲେ ପୁରୁଣା ବାରିପଦା ପଞ୍ଚାୟତ ରାଇପଦା ଗ୍ରାମର ଲକ୍ଷ୍ମୀକାନ୍ତ ନାୟକ। ସେ ପୁରୁଣା ବାରିପଦା ବଜାରରେ ଖୋଲିଥିବା ଢାବାରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ନେଇ ଦୀର୍ଘଦିନ ହେଲା ପୋଲିସ ଓ ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇଆସୁଥିଲା। ଆଇଆଇସି ଲୋପାମୁଦ୍ରା ନାୟକଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ରାତିରେ ଢାବାରେ ଚଢ଼ାଉ କରାଯାଇଥିଲା। ସେଠାରୁ ବିଭିନ୍ନ କମ୍ପାନୀର ୨୬ ଲିଟରେ ବିଦେଶୀ ମଦ ଜବତ ହୋଇଥିଲା।

# କୃଷକ ପରିଭ୍ରମଣ କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ

ବାହାନଗା, ୨୫।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଉଦ୍ୟାନ ବିଭାଗର ଆନ୍ତଃ ରାଜ୍ୟ କୃଷକ ପରିଭ୍ରମଣ କାର୍ଯ୍ୟକ୍ରମରେ ଅନିୟମିତତା ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚଳିତବର୍ଷ ବ୍ଲକର ଫଳ ଓ ପରିବା ଚାଷ କରୁଥିବା ମୁଖ୍ୟ କେତେକ ଚାଷୀଙ୍କୁ ଧରି ଉଦ୍ୟାନ ବିଭାଗ ଭଦ୍ରକ ଜିଲାର କୃଷି ବିଜ୍ଞାନକେନ୍ଦ୍ରକୁ ପରିଭ୍ରମଣରେ ନେଇଥିଲେ। ମାତ୍ର ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଚାଷୀଙ୍କ ଲାଗି ୧ହଜାର ଟଙ୍କା ଖର୍ଚ୍ଚ କରାଯାଇଥାଏ। ଏଥିଲାଗି ୨୫ହଜାର ଟଙ୍କା ସରକାର ବହନ କରିଥାନ୍ତି। ସେହି ଟଙ୍କା ଅନୁଯାୟୀ ବ୍ଲକର ୨୪ଟି ପଞ୍ଚାୟତର ବଛା ବଛା ୨୫ଜଣ ଚାଷୀଙ୍କୁ ଆନ୍ତଃ କୃଷକ ପରିଭ୍ରମଣରେ ନେବାର ନିୟମ ଅଛି । ମାତ୍ର ଏହି ନିୟମ ବାହାନଗା ବ୍ଲକରେ ବ୍ୟତିକ୍ରମ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେବଳ ଦୁଇଟି ପଞ୍ଚାୟତର ୧୭ରୁ ୧୮ଜଣ ଚାଷୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ୪ଟି ଗାଡି କରି ଭଦ୍ରକ ଜିଲାର କୃଷି ବିଜ୍ଞାନ କେନ୍ଦ୍ରକୁ ପରିଭ୍ରମଣରେ ନେଇଯାଇଥିଲେ ।




ପରିଭ୍ରମଣରେ ଯାଇଥିବା ଦୁଇ ପଞ୍ଚାୟତର ଚାଷୀ।

ଫଳରେ ଅନ୍ୟ ପଞ୍ଚାୟତର ଚାଷୀ ଏହି ଯୋଜନା ବିଷୟରେ ଜାଣି ନ ଥିବା କହିଥିଲେ। ଯୋଜନା ବିଷୟରେ ଚାଷୀମାନଙ୍କୁ ଜଣାଇ ସେମାନଙ୍କୁ ରାଜ୍ୟର ଉଦ୍ୟାନ ବିଭାଗ ଦ୍ୱାରା ହୋଇଥିବା ଫାର୍ମ ଓ କୃଷି ବିଜ୍ଞାନକେନ୍ଦ୍ରକୁ ବୁଲାଇ ନେଇ ସେଠାକାର ଉନ୍ନତମାନର ଚାଷ, ବିଜ୍ଞାନ ପଦ୍ଧତିରେ ହେଉଥିବା ଚାଷ ବିଷୟରେ ଅବଗତ କରାଇ ସଚେତନତା କରାଇବା ସରକାରଙ୍କର ମୁଖ୍ୟ ଲକ୍ଷ୍ୟ। ଏଥିଲାଗି ଏହି ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ କରାଇ ସରକାର ନିଜ ଖର୍ଚ୍ଚରେ ପରିଭ୍ରମଣରେ ନେଇଥାନ୍ତି। ମାତ୍ର ବାହାନଗା ବ୍ଲକରେ ଏପରି ହୋଇ ନ ଥିବା ମନୋରଞ୍ଜନ ପୁରୀ, ଅଜୟ ଗିରି, ବୁଦ୍ଧିରାମ ଶିଅଳ, ନିତ୍ୟାନନ୍ଦ ମହାପାତ୍ର ଓ ଚନ୍ଦନ ସାହୁ ପ୍ରମୁଖ ଚାଷୀ ପ୍ରକାଶ କରିଛନ୍ତି। ପରିଭ୍ରମଣ ମାନେ କିଛି ଚାଷୀଙ୍କ ପରିବାର ସଦସ୍ୟମାନଙ୍କୁ ନିକଟସ୍ଥ ଭଦ୍ରକ କୃଷି ବିଜ୍ଞାନକେନ୍ଦ୍ରକୁ ନେଇ ବୁଲାଇ ଆଣି ନିଜର ଦାୟିତ୍ୱ ସାରିଦେଇ ସରକାରୀ ଟଙ୍କାକୁ କିପରି ହଡ଼ପ କରାଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ଲକର ଉଦ୍ୟାନ ବିଭାଗର କୌଣସି ଅଫିସ୍ ନ ଥିବା ସହିତ କର୍ମଚାରୀ କିମ୍ବା ଅଫିସରମାନେ କେଉଁଠି ଓ କେତେବେଳେ ଆସନ୍ତି ସେ ବିଷୟରେ ଚାଷୀମାନେ ଜାଣିପାରନ୍ତି ନାହିଁ। କେତେଜଣ ଚାଷୀ ଅଭିଯୋଗ କରିଛନ୍ତି ବାତ୍ୟା ଜୱାଦ ସମୟରେ ସରକାର ଚାଷୀମାନଙ୍କ ମେରୁଦଣ୍ଡ ସଳଖିବା ନିମନ୍ତେ ଉଦ୍ୟାନ ବିଭାଗ ଦ୍ୱାରା ପରିବା ମଞ୍ଜି ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିଥିଲେ । ୧ହଜାର ୪ ଶହ ଟଙ୍କାରେ ଚାଷୀମାନେ ଉଦ୍ୟାନ ବିଭାଗରୁ ମଞ୍ଜି କିଣି ଚାଷ କରିଥିଲେ, ସେମାନଙ୍କୁ ପରମୁହୂର୍ତ୍ତରେ ୪ହଜାର ଟଙ୍କାର ରିହାତି ମିଳେ । ମାତ୍ର ଏହି ବ୍ଲକରେ ଚାଷୀମାନେ ୧୪ଶହ ଟଙ୍କା ଦେଇ ମଞ୍ଜି କିଣିଥିଲେ ମଧ ଅଦ୍ୟାବଧି ଚାଷୀମାନେ ସରକାରଙ୍କ ଯୋଜନାରେ ପାଇବାକୁ ଥିବା ରିହାତି ୪ ହଜାର ଟଙ୍କା ଏ ପର୍ଯ୍ୟନ୍ତ ପାଇପାରିନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ବିଷୟରେ ବ୍ଲକ ଅତିରିକ୍ତ ଉଦ୍ୟାନ ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ଚାଷୀମାନେ ଯେଉଁ ଅଭିଯୋଗ କରୁଛନ୍ତି, ତାହା ମିଥ୍ୟା। ମଞ୍ଜି କିଣିଥିବା ଚାଷୀମାନଙ୍କର ଚାଷ କାଗଜପତ୍ର ମିଳିବା ପରେ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ନିଶ୍ଚିତ ମିଳିବ।

# ନିଜସ୍ୱ ଅର୍ଥରେ ତିଆରି କଲେ ଖେଳପଡ଼ିଆ



ପ୍ରସ୍ତୁତ ହୋଇଥିବା ଖେଳପଡ଼ିଆ।

ନୀଳଗିରି, ୨୫।୩(ସ୍ୱ.ପ୍ର.)

ନୀଳଗିରିର ସାମାଜିକ କର୍ମୀ ସବ୍ୟସାଚୀ ମହାପାତ୍ର (ଗୁଲୁଲୁ) ଏବଂ ନୀଳଗିରି ଏନ୍‌ଏସି ଅଧକ୍ଷାଙ୍କ ପ୍ରତିନିଧି ଶରତ କୁମାର ଦାସ (ବାପି) ମିଳିତ ଭାବେ ନୀଳଗିରି ଏନ୍‌ଏସି ଅଧୀନ ୧୧ନଂ. ୱାର୍ଡ଼ର ଯୁବକମାନଙ୍କ ପାଇଁ ନିଜସ୍ୱ ଅର୍ଥରେ ଏକ ଖେଳପଡ଼ିଆ ତିଆରି କରିଛନ୍ତି।

୩ଦିନ ଧରି ଜେସିବି ମେଶିନ ଲଗାଇ ପଡ଼ିଆକୁ ସମତୁଲ କରାଯାଇଥିବା ବେଳେ ପଡ଼ିଆକୁ ରୋଲିଂ ମଧ କରାଯାଇଥିଲା । ଏହି ଖେଳ ପଡ଼ିଆରେ ଉଭୟ ୧୧ନଂ. ଓ ୧୨ନଂ.ର ଯୁବ ଖେଳାଳିମାନେ ଉଭୟେ କ୍ରିକେଟ୍ ଓ ଫୁଟବଲ୍ ମ୍ୟାଚ ଖେଳିବାର ସୁଯୋଗ ପାଇବେ ବୋଲି ସବ୍ୟସାଚୀ ଓ ଶରତ ପ୍ରକାଶ କରିଛନ୍ତି। ଏହି ଅବସରରେ ଉକ୍ତ ୱାର୍ଡ଼ରେ ଏକ ବିରାଟ ସଭାର ଆୟୋଜନ କରାଯାଇ ସବ୍ୟସାଚୀ ଓ ଶରତ ଦାସଙ୍କୁ ଏତାଦୃଶ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ଏହି ଅବସରରେ ୧୧ନଂ. ୱାର୍ଡ଼ର କାଉନସିଲର ପ୍ରତିନିଧି ବିଦ୍ୟାଧର ଖଟୁଆ ଉପସ୍ଥିତ ରହି ଏଭଳି କାର୍ଯ୍ୟକୁ ନେଇ ଧନ୍ୟବାଦ ଦେଇଥିଲେ।

# ହତ୍ୟା ମାମଲା ରୁଜୁ, ଜଣେ ଗିରଫ

ଚମ୍ପୁଆ,୨୫।୩(ଡି.ଏନ.ଏ)

### ପୋଲତଳୁ ଯୁବତୀଙ୍କ ମୃତଦେହ ଜବତ ଘଟଣା

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କଙ୍କଡ଼ାପାଟ ବୈତରଣୀ ନଦୀ ପୋଲତଳୁ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପ୍ରଥମେ ଏହାକୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତକ ଯୁବତୀଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଶନିବାର ହତ୍ୟା ମାମଲା ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ୧୪ ତାରିଖ ଦିନ ପୋଲ ତଳେ ଏକ ଯୁବତୀଙ୍କ ମୃତଦେହ ଭାସୁଥିବା ଖବର ପାଇ ଉଭୟ ପୋଲିସ ଓ ଅଗ୍ନିଶମ ବିଭାଗ ମିଳିତ ସହଯୋଗରେ ଶବ ଜବତ କରିଥିଲେ। ଝାଡ଼ଖଣ୍ଡ ସିଆଲଜୋଡ଼ା ଅଞ୍ଚଳର ଯୁବତୀଙ୍କ ବାପା ଅଭିନ୍ନ ବୋବଙ୍ଗାଙ୍କ ଅଭିଯୋଗ ପରେ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ନମ୍ବରକୁ ଟ୍ରାକ୍ କରି ଚମ୍ପୁଆ ଥାନା ଅନ୍ତର୍ଗତ ବସାସହି ଅଞ୍ଚଳର ମୁନି ମୁଣ୍ଡାକୁ ଗିରଫ କରିଥିଲା। ପ୍ରେମ ଜନିତ କାରଣରୁ ହତ୍ୟାକାଣ୍ଡ ଘଟିଛି। ଏନେଇ (ନଂ. ୪୩/୨୩) ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଗଗନ ବିହାରୀ ନାୟକ ସୂଚନା ଦେଇଛନ୍ତି।

# 'ଲୋକକଳାକୁ ଉଜ୍ଜୀବିତ କରେ ମହୋତ୍ସବ'



ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଅତିଥିଙ୍କ ଦ୍ୱାରା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବନ୍ତ,୨୫।୩ (ଡି.ଏନ୍.ଏ.)

ଓଡ଼ିଶାର କଳା, ସଂସ୍କୃତି, ବିଭିନ୍ନ ଲୋକକଳାକୁ ଉଜ୍ଜୀବିତ କରି ରଖିବା ମହୋତ୍ସବ ମାଧ୍ୟମରେ ସମ୍ଭବ ହୋଇଥାଏ ବୋଲି ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ହେମପଦ୍ମ ଗାଲାକ୍ସିଠାରେ ଆୟୋଜିତ ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଟିପିଏନ୍‌ଓଡିଏଲ୍‌ର ବାଲେଶ୍ୱର ଭିଜିଲାନ୍ସ ମୁଖ୍ୟ ଦିଲୀପ ଦାସ ଯୋଗଦେଇ କହିଥିଲେ। ମହୋତ୍ସବ କମିଟି ସଭାପତି ମନୋଜ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଡୁଡୁନ ଫାଉଣ୍ଡେଶନର ଅଧକ୍ଷା ବନ୍ଦନା ହରିଚନ୍ଦନ, ସମ୍ମାନିତ ଅତିଥି ତଥା ସମ୍ବର୍ଦ୍ଧିତ ପ୍ରତିଭା ପୂର୍ବତନ ସାମରିକ ଅଧିକାରୀ ଅକ୍ଷୟ କୁମାର ସୂତାର, ଉପଦେଷ୍ଟା ବିଦ୍ୟାଧର ବେହେରା, କୈଳାସ ଚନ୍ଦ୍ର ଧଳ, ଅନ୍ନପୂର୍ଣ୍ଣା ଦାଶ ଓ ମନ୍ମଥ କୁମାର ଦାସ ଯୋଗ ଦେଇଥିଲେ। ବନ୍ଦନା ଜେନା ଓଡ଼ିଶୀ ନୃତ୍ୟ ଓ କ୍ଷୀରାବ୍ଦୀ ତନୟା ପଣ୍ଡା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ମଞ୍ଚ ପରିଚାଳନାରେ ସମ୍ପାଦକ ହେମନ୍ତ ସିଂହ ସ୍ୱାଗତ ଭାଷଣ ଓ ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ ମଞ୍ଚକୁ ପଞ୍ଚାନନ ପୃଷ୍ଟି, ସୁବୋଧ ସାହୁ, ରଶ୍ମିତା ପୁହାଣ ଓ ଚିତ୍ତରଞ୍ଜନ ଦାସ ପରିଚାଳନା କରିଥିଲେ। ପୁରୀରୁ ଆସିଥିବା ପୁରାତନ ଲୋକକଳା ଦଶଭୂଜା ଗୋଟିପୁଅର କଳାକାରମାନଙ୍କ ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଉପସଭାପତି ଗୋପାଳ କୃଷ୍ଣ ଦାଶ, ଅକ୍ଷୟ ରାଉତ, ଭରତ ସାହୁ, ଉଲ୍ଲାସ ବାରିକ, ଅଶୋକ ପରିଡ଼ା, ଦୀପକ ପୁରୀ, ମାମୁନି ସିଂହ, ନିହାର ରଞ୍ଜନ ସାହୁ, ଆମ୍ରପାଲି ଗାହାଣଙ୍କ ସମେତ ରୟାଲ ଇଗଲ କ୍ଲବର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହାଇୱା ଚାଳକଙ୍କ ବେପରୁଆ ଗାଡ଼ି ଚାଳନା

ଭଣ୍ଡାରିପୋଖରୀ, ୨୫।୩ (ସ୍ୱ.ପ୍ର.)

ଶନିବାର ଅପରାହ୍ନରେ ବାଲେଶ୍ୱରରୁ ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ବସ୍ ଏକ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଭଦ୍ରକ ପଟୁ ଏକ ହାଇୱା ଆଖୁଆପଦା ଆସୁଥିବା ବେଳେ ଚାଳକ ଜାତୀୟ ରାଜପଥ ଉପରେ ଅତି ବେପରୁଆ ଭାବେ ଗାଡ଼ି ଚାଳନା କରୁଥିଲେ। ଫଳରେ ପଛରୁ ଆସୁଥିବା ଗାଡ଼ିଗୁଡ଼ିକ ଭୟଭୀତ ହୋଇଯାଇଥିଲେ। ଏହି ସମୟରେ ଭଣ୍ଡାରିପୋଖରୀ ନିକଟରେ ବାଲେଶ୍ୱରରୁ ଆସୁଥିବା ଯାତ୍ରୀବାହୀ ବସ୍‌କୁ ହାଇୱା ସାଇଡ୍ ମାରିଥିଲା। ଏପରିକି ଅନ୍ୟ ଏକ କାର୍ ଉପରେ ମଧ ଚଢ଼ିଯିବାର ଆଶଙ୍କା ଥିଲା। ଏଥିଯୋଗୁ କାହାର କ୍ଷତି ହୋଇ ନ ଥିବାବେଳେ ହାଇୱା ଚାଳକ ନିଶାସକ୍ତ ଅବସ୍ଥାରେ ଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଟେରାକୋଟା ତାଲିମ ନେଲେ ୩୦

ଭଦ୍ରକ ଅଫିସ, ୨୫।୩

ଭଦ୍ରକ ଜିଲା ବନ୍ତ ବ୍ଲକର ମହାନ୍ତିପଡ଼ା ପଞ୍ଚାୟତର ତ୍ରିସାଲିଆ ଗ୍ରାମରେ ଭାରତ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଦୁଇମାସ ଧରି ଚାଲିଥିବା ଟେରାକୋଟା ଡିଜାଇନ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସହକାରୀ ନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳଙ୍କ ସଂଯୋଜନାରେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା ସଭାକୁ ଉଦ୍‌ଘାଟନ କରିଥିବା ବେଳେ ଏଡ୍‌ପିଓ ଅମୀୟ କୁମାର ବେହେରା ଓ ମହେନ୍ଦ୍ର ନାଥ ଗୁଡୁ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଭାବେ ନିରୁପମା ସାହୁ ପ୍ରତିମୂର୍ତ୍ତି ନିର୍ମାଣ ଓ ଟେରାକୋଟା ଡିଜାଇନର ନିଶି ସିଂ ଟେରାକୋଟାର ନୂତନ ଜ୍ଞାନକୌଶଳ ଉପରେ ତାଲିମ୍ ପ୍ରଦାନ କରିଥିଲେ। ସଂଯୋଜକ ପ୍ରଶାନ୍ତ କୁମାର ଗିରି ପ୍ରଶିକ୍ଷଣ ପରିଚାଳନା କରିଥିବା ବେଳେ ତାଲିମ ନେଇଥିବା ୩୦ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ୨ଶହ ବର୍ଷର ଅଣ୍ଡାଇଲୋ ମଧୁଗଣେଶ ପୂଜା ଆରମ୍ଭ

ଖଇରା, ୨୫।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା-ଗଣ୍ଡିବେଡ ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ୨ଶହ ବର୍ଷ ଧରି ପାଳିତ ହୋଇ ଆସୁଥିବା ମଧୁଗଣେଶ ପୂଜା ଶନିବାରଠାରୁ ଧୁମଧାମ୍‌ରେ ଆଧାତ୍ମିକ ପରିବେଶରେ ଆରମ୍ଭ ହୋଇଛି। ଶନିବାର ପୂର୍ବାହ୍ନରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସରପଞ୍ଚ ମମତାରାଣୀ ପରିଡା, ସମିତିସଭ୍ୟ ନଳିନୀକାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ନୂତନ ଭାବେ ନିର୍ମିତ ହୋଇଥିବା ପୂଜାମଣ୍ଡପ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ଉଦ୍‌ଘାଟନ କରିବା ଅବସରରେ ଅଣ୍ଡାଇଲୋ ଗ୍ରାମକୁ ବିକଶିତ କରିବାକୁ ସବୁ ପ୍ରକାଶ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ବିଧାୟକଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମନ୍ଦରଧର ନାୟକ, ପୁରସ୍ତମ ଜେନା, ନିରଞ୍ଜନ ବିଶ୍ୱାଳ, ଭରତ କୁମାର ପୃଷ୍ଟି, ଜୟଦେବ ବିଶ୍ୱାଳ ପ୍ରମୁଖଙ୍କ ଦ୍ୱାରା କଳସ ଅଣାଯାଇଥିଲା । ରବୀନ୍ଦ୍ର ଦାଶ ଓ ଶରତ କୁମାର ପଣ୍ଡାଙ୍କ ଦ୍ୱାରା ଗଣପତିଙ୍କୁ ଆବାହନ କରାଯିବା ସହ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା ।



ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପୂଜାମଣ୍ଡପ ଉଦ୍‌ଘାଟନ କରୁଛନ୍ତି।

# ମହିଳା କୀର୍ତ୍ତନ ମଣ୍ଡଳୀର ବାର୍ଷିକ ଉତ୍ସବ

ତେଲକୋଇ,୨୫।୩(ଡି.ଏନ.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ଆକୁଳ ପଞ୍ଚାୟତରେ ତ୍ରିବେଣୀ ଛକଠାରେ ମହିଳା କୀର୍ତ୍ତନ ମଣ୍ଡଳୀର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ଶହେ ମହିଳା କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ ପ୍ରେମାନନ୍ଦ ନାଏକ, ସମ୍ମାନିତ ଅତିଥିଭାବେ ବିଡ଼ିଓ ସାନ୍ତନୁ ନାୟକ, ତହସିଲଦାର ଅଶ୍ୱିନୀ ନାଏକ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବ୍ଲକ୍ ଅଧକ୍ଷ ଜିତେନ୍ଦ୍ର ପ୍ରଧାନ, ୨୦ ନଂ. ଜୋନ୍‌ର ଜିଲା ପରିଷଦ କେଦାର ନାଥ ପ୍ରଧାନ ଯୋଗଦେଇଥିଲେ। କଳାକାର ଜିଉ ସଂଗଠନ ପକ୍ଷରୁ ସଭାପତି ରଙ୍ଗାଧର କର ଓ ସମ୍ପାଦକ ମାୟାଧର ନାୟକ ପରିଚାଳନା କରିଥିଲେ।

# ଗ୍ୟାସ୍ ସିଲିଣ୍ଡର ଅଗ୍ନିକାଣ୍ଡ ଘଟଣା, ଆଉ ଜଣେ ମୃତ

ବାଲେଶ୍ୱର ଅଫିସ,୨୫।୩

### ଟାୟାର ଜାଳି ଗ୍ରାମବାସୀଙ୍କ ବିକ୍ଷୋଭ

ବାଲେଶ୍ୱର ଜିଲା ଚାନ୍ଦିପୁର ପଞ୍ଚାୟତ ଅଧୀନ ବଳରାମଗଡ଼ି ମୀର୍ଜାପୁର ଗ୍ରାମର ରଞ୍ଜନ ମଲ୍ଲିକଙ୍କ ଘରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟଣାରେ ୪୦ଦିନର ଶିଶୁ କନ୍ୟା ପ୍ରାଣ ହରାଇଥିବା ବେଳେ ଘରର ଅନ୍ୟ ୪ଜଣ ଗୁରୁତର ହୋଇଥିଲେ। ଗୁରୁତର ଲାଲଚନ୍ଦ ମଲ୍ଲିକଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଶନିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେଠାରେ ଚିକିତ୍ସାରେ ଅବହେଳା ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହାୟତା ନ ମିଳିବା ଅଭିଯୋଗରେ ଗ୍ରାମବାସୀ ମୀର୍ଜାପୁର ମୁଖ୍ୟ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାରୋକୋ କାରଣରୁ ଚାନ୍ଦିପୁର-ବାଲେଶ୍ୱର ଯାଉଥିବା ବହୁ ଗାଡ଼ି ରାସ୍ତାରେ ଅଟକି ରହିଥିଲା। ଘଟଣାସ୍ଥଳରେ ସଦର ତହସିଲଦାର, ଚାନ୍ଦିପୁର ଥାନା ଆଇଆଇସି ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ୩ରୁ ୪ ଘଣ୍ଟା ପରେ ସରକାରୀ ଅଧିକାରୀ ମୃତକଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ପରେ ବିକ୍ଷୋଭକାରୀମାନେ ଓହରିଥିଲେ। ପରେ ରାସ୍ତାରେ ଯା'ଆସ ସ୍ୱାଭାବିକ ହୋଇଥିଲା।

# ମହିଳାଙ୍କୁ ସ୍ୱାବଲମ୍ବୀ ଉଦ୍ଦେଶ୍ୟରେ ପ୍ରଶିକ୍ଷଣ

ସିମୁଳିଆ,୨୫।୩(ଡି.ଏନ.ଏ.)

ମହିଳାମାନେ ବିଭିନ୍ନ କୃଷି ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହିତ ଆର୍ଥିକ ମାନଦଣ୍ଡ ଅଭିବୃଦ୍ଧି କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଅଣ୍ଡରାଇ ପଞ୍ଚାୟତ କୁଳଧରବିନ୍ଧା ଅଞ୍ଚଳରେ କେନ୍ଦ୍ର ସରକାରଙ୍କ କୃଷକ ଉତ୍ପାଦକ ସଙ୍ଗଠନ (ଏପିଓ) ଯୋଜନାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।

ମଇତାପୁର ପଲ୍ଲିପ୍ରଗତି କୃଷକ ମଞ୍ଚ ମୁଖ୍ୟ ତଥା ବହୁମୁଖୀ କୃଷକ ଗଜେନ୍ଦ୍ର ପ୍ରସାଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ୫୦ଜଣ ମହିଳା ଯୋଗ ଦେଇଥିଲେ। ମୁଖ୍ୟଅତିଥି ରୂପେ ସିମୁଳିଆ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ସୋମନାଥ କବାଟ ଯୋଗଦେଇ କୃଷକ ଏକତା ରକ୍ଷା ମାଧ୍ୟମରେ ସରକାରଙ୍କ ବହୁମୁଖୀ ଉଦ୍ଦେଶ୍ୟ ପୂରଣ ହୋଇପାରିବ। କୃଷକମାନେ ସ୍ୱଳ୍ପ ମୂଲ୍ୟରେ ବିହନ, ଖତ ସାର, ଔଷଧ ପାଇପାରିବା ସହିତ ବୈଜ୍ଞାନିକ ଜ୍ଞାନକୌଶଳ ମାଧ୍ୟମରେ ଲାଭବାନ ହୋଇ ନିଜର ଉତ୍ପାଦକ ସାମଗ୍ରୀଗୁଡ଼ିକର ବିକ୍ରିବଟା ମଧ୍ୟ ନିଜ ଅଞ୍ଚଳରେ ବସି କରିପାରିବେ ବୋଲି କହିଥିଲେ। ଗଜେନ୍ଦ୍ର ପ୍ରସାଦ ବେହେରା ସରକାରଙ୍କ କୃଷି ନୀତିର ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ସମିତିସଭ୍ୟ ଉତ୍ତମ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଏପିଓର ସିଇଓ ଦୟାନିଧି ଦାଶ ସରକାରଙ୍କ ଏହି ଯୋଜନା ସିମୁଳିଆ ବ୍ଲକର ମଇତାପୁର, ବଙ୍ଗାଳପୁର, ଅବଝୁଣା, ପୁରୁଷୋତ୍ତମପୁର ଓ ଅଣ୍ଡରାଇ ମୋଟ ୫ଟି ପଞ୍ଚାୟତର ୭୫୦ଜଣ ମହିଳାଙ୍କୁ ନେଇ କାର୍ଯ୍ୟକାରୀ ହେବ। ଅଦ୍ୟାବଧି ଏହି ଯୋଜନାରେ ୩ଶହ ମହିଳା ସାମିଲ ହୋଇଥିବା ବେଳେ ଅଣ୍ଡରାଇରେ ୫୦ଜଣ ମହିଳା ଶୁକ୍ରବାର ସାମିଲ ହୋଇଥିବା ସୂଚନା ଦେଇଥିଲେ। ଅଣ୍ଡରାଇର ମହିଳାମାନଙ୍କର ଏହି କୃଷକ ସଙ୍ଗଠନର ନାମକରଣ ସ୍ୱାଫାକ ଲିମିଟେଡ୍ ନାମରେ ନାମକରଣ କରାଯାଇଛି। ସେହିପରି ମହିଳାମାନଙ୍କ ନେତୃତ୍ୱ ନେବା ପାଇଁ ସ୍ଥାନୀୟ ଅଞ୍ଚଳର କଳ୍ପନା ମହାନ୍ତିଙ୍କୁ ଚୟନ କରାଯାଇଛି। ଏହି ଅବସରରେ ମହିଳାମାନଙ୍କ ଜମାରାଶିର ରସିଦ ପ୍ରଦାନ କରାଯାଇଥିଲା।



କୃଷକ ଗଜେନ୍ଦ୍ର ପ୍ରସାଦ ବେହେରା ସୂଚନା ପ୍ରଦାନ କରୁଛନ୍ତି।


ବ୍ୟାଙ୍କ ଅଫ୍ ବରୋଦା
Bank of Baroda
ବିଜୟା VIJAYA | ଦେନା DENA

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ ନଂ.:୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର - ୦୩, ମୋ.: ୭୩୨୮୮୩୪୧୪୨
ଫୋନ୍: ୦୬୭୪-୨୩୮୭୧୦୦, ଇ-ମେଲ୍ : sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ବିନା ଆଇନଗତ ସହାୟତା ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।**

| କ୍ର ନଂ. | ମୂଳଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କର ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ ଯଦି ଥାଏ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଯାଜପୁର ରୋଡ଼ ଶାଖା / ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ / ଜାମିନ୍‌ଦାରମାନେ: (୧) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (୨) ଶ୍ରୀ ଦେବବ୍ରତ ମହାନ୍ତି, (୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ସମସ୍ତଙ୍କ ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ | (କ) ଶ୍ରୀ କଲ୍ୟାଣବ୍ରତ ମହାନ୍ତି, (ଖ) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (ଗ) ଶ୍ରୀ ଦେବବ୍ରତ ମହାନ୍ତି ଏବଂ (ଘ) ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୨୨ ଏବଂ ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର ୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଜାନକୀ ବଲ୍ଲଭ ମହାନ୍ତି, ପୂର୍ବ: ସୁବ୍ରତ ମହାନ୍ତି, ପଶ୍ଚିମ: ରାସ୍ତା (ପ୍ଲଟ୍ ନଂ.: ୧୦୧୧) | ୦୧.୦୧.୨୦୧୬ ୧୦.୦୫.୨୦୧୬ / ତା.୩୧.୧୦.୨୦୧୫ ସୁଦ୍ଧା ଟ.୧୩,୩୨,୬୬୩/- ଯୁକ୍ତ ୦୧.୧୧.୨୦୧୫ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ ଋଣ ଅସୁଲି ଯଦି କିଛି ଥାଏ | ୧୨.୦୪.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଭୌତିକ | ୧୧.୦୪.୨୦୨୩ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୨୧,୪୭,୪୦୦/- / ଟ.୨,୧୫,୦୦୦/- / ଟ.୧୦,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ : ଆଗ୍ରହୀ ନିଲାମଧାରୀମାନେ www.mstcecommerce.com ରେ ଲଗଇନ୍ କରି EMD (ଅମାନତ ରାଶି) ତା.୧୧.୦୪.୨୦୨୩ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ ।
ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍ https://www.bankofbaroda.com/e-auction.htm, www.mstcecommerce.com, and https://ibapi.in ରେ ଦେଖନ୍ତୁ ।
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: (୦୬୭୪) ୨୩୮୭୧୦୦, ମୋ: ୭୩୨୮୮୩୪୧୪୨ରେ ଯୋଗାଯୋଗ କରିପାରିବେ ।
ଅଧିକ ବିବରଣୀ ନିମନ୍ତେ ଏହି କୋଡ୍‌କୁ ସ୍କାନ୍ କରନ୍ତୁ ।
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫),୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍ ।
ସ୍ଥାନ : ଭୁବନେଶ୍ୱର
ତାରିଖ : ୨୫.୦୩.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ତାଲା ଭାଙ୍ଗି ସୁନା ଗହଣା ଚୋରି

ବସ୍ତା, ୨୫।୩ (ଡି.ଏନ.ଏ.):ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମୁକୁଳିସି ବଜାରରେ ଥିବା ବିଷ୍ଣୁପଦ ପାତ୍ରଙ୍କ ସାଇକୃପା ଗହଣା ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ସଟର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରିନେଇଛନ୍ତି। ବସ୍ତା ଥାନା ଅଧିକାରୀ ଖବର ପାଇ ସନ୍ଧାନୀ କୁକୁର ସହ ଆସି ଘଟଣାର ତଦନ୍ତ କରିଥିଲେ ମଧ କିଛି ସୁରାକ ପାଇ ନ ଥିଲେ।

### ଫେରାର ଶିକାରୀ ଗିରଫ

ବାରିପଦା ଅଫିସ,୨୫।୩-ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ପିଠାବଟା ରେଞ୍ଜ୍ ଅନ୍ତର୍ଗତ ପିଠାବଟା-୧ ବିଟ୍ ଅଞ୍ଚଳରୁ ଫେରାର ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଶିକାରୀ ଜଣକ କୋଲିଲାଘାଟି ପଞ୍ଚାୟତ ଲକ୍ଷ୍ମୀପୋଷି ଅଞ୍ଚଳର ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଦକ୍ଷିଣ)ର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୦ ତାରିଖ ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ଶିକାରୀ ଜଣକ ଖସି ପଳାଇଥିଲେ। ବନ କର୍ମଚାରୀମାନେ ତଦନ୍ତ କରି ଶିକାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲୁହା ରଡ୍, ଛୁରୀ, ଟର୍ଚ୍ଚ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ଗିରଫ ଶିକାରୀଙ୍କ ନାମ ଗୋପନ ରଖି ଅଧିକ ତଦନ୍ତ ଜାରି ରହିଛି।

### ଆମ ଔପଦା ମହୋତ୍ସବ ଉଦ୍‌ଘାଟିତ

ଔପଦା, ୨୫।୩(ଡି.ଏନ.ଏ.)-ଆମ ଔପଦା ମହୋତ୍ସବକୁ ମହୋତ୍ସବ କମିଟି ନିଷ୍ପତ୍ତିକ୍ରମେ ସାମାଜିକ କର୍ମୀ ତାପସ କୁମାର ପରିଡ଼ା ଫିତା କାଟି ଉଦ୍‌ଘାଟନ କରିଛନ୍ତି। ପରିଡ଼ା ମହୋତ୍ସବର ପତାକାକୁ ମଧ ଉତ୍ତୋଳନ କରିଥିବା ବେଳେ ମହୋତ୍ସବ କମିଟି ସଭାପତି ନିରଞ୍ଜନ ମହାନ୍ତି, ସମ୍ପାଦକ ଆଦିତ୍ୟ ନାରାୟଣ ବେହେରା, ଉପଦେଷ୍ଟା ଶୁଭେନ୍ଦୁ ପଣ୍ଡା, ପିତାମ୍ବର ବାରିକ, ଦେବେନ୍ଦ୍ର ଦାଶଙ୍କ ସମେତ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ ବରେଣ୍ୟ ଅତିଥିମାନଙ୍କୁ ନେଇ ମହୋତ୍ସବ ପ୍ରଥମ ସନ୍ଧ୍ୟାର ଶୁଭାରମ୍ଭ କରାଯିବ ବୋଲି ଜଣାଯାଇଛି।

### ଅଙ୍ଗନୱାଡି କେନ୍ଦ୍ର ସ୍ଥାନ ନିରୂପଣରେ ଅନିୟମିତତା

ଭଦ୍ରକ ଅଫିସ,୨୫।୩

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ନିଶ୍ଚନ୍ତପୁର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ନିରୂପଣରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ସମିତିସଭ୍ୟାଙ୍କ ସମେତ ଗ୍ରାମବାସୀ ଏ ସମ୍ପର୍କରେ ଜିଲାପାଳ, ତହସିଲଦାର ଏବଂ ବିଡିଓଙ୍କ ନିକଟରେ ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ସୂଚନା ଅନୁଯାୟୀ, ନିଶ୍ଚନ୍ତପୁର ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ସ୍ଥାନ ନିରୂପଣ କରିଥିଲା। କେନ୍ଦ୍ର ନିର୍ମାଣ ଲାଗି ସ୍ଥିର ହୋଇଥିବା ସ୍ଥାନ ନିକଟରେ ନାଳ ଓ ଶ୍ମଶାନ ଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହା କୁନି ପିଲାଙ୍କ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମନ୍ତେ ସମିତିସଭ୍ୟା କିମ୍ବା ଗ୍ରାମବାସୀଙ୍କ ପରାମର୍ଶ ନିଆଯାଇ ନାହିଁ ବୋଲି ସମିତିସଭ୍ୟା ରୋଜାଲିସା ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ସୁକାନ୍ତ ବିଶ୍ୱାଳ, ପ୍ରଭାକର ନାୟକ, ଶଶଧର ନାୟକ, ଗୋପବନ୍ଧୁ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି।

# ୭ କୋଟି ଦାଖଲ ନ ହେଲେ ମାମଲା ଖାରଜ

**ବାଲି ସଇରାତକୁ ନେଇ ଏନ୍‌ଜିଟି ରାୟ ପ୍ରସଙ୍ଗ**

ବାରିପଦା ଅଫିସ,୨୫।୩

ମୟୂରଭଞ୍ଜ ଜିଲାରେ ବେଆଇନ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ଓ ପରିବହନ ଘଟଣାର ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଶୁଣାଣି ପରେ ସର୍ବୋଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିବା ୨ ଲିଜ୍‌ଧାରୀଙ୍କୁ ଝଟ୍‌କା ଲାଗିଛି। ୬ ସପ୍ତାହ ମଧ୍ୟରେ ଉଭୟଙ୍କୁ ୭କୋଟି ଟଙ୍କା ଜମା କରିବା ପାଇଁ ନିର୍ଦ୍ଦେଶ ରହିଛି। ଜଣେ ଲିଜଧାରୀ ଟଙ୍କା ଦାଖଲ କରିପାରି ନ ଥିବା ବେଳେ ଅନ୍ୟଜଣଙ୍କ କ୍ଷେତ୍ରରେ ଆଉ ଗୋଟିଏ ସପ୍ତାହ ସମୟ ଅବଧି ରହିଛି। ଟଙ୍କା ଜମା କରି ନ ପାରିଲେ ସର୍ବୋଚ୍ଚ ନ୍ୟାୟଳୟରେ ଆବେଦନ ଖାରଜ ହୋଇଯିବ ବୋଲି ଖଣ୍ଡପୀଠ ଶୁଣାଣିରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ବଡ଼ସାହି ତହସିଲ ଅଧୀନ ବୁଢ଼ାବଲଙ୍ଗ ନଦୀର ଆରପଟ୍ଟା, ଡିଙ୍ଗିରା ଓ ମହୁପୁରା ବାଲି ସଇରାତରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଇଷ୍ଟର୍ନ ବେଞ୍ଚ କୋଲକାତା ପକ୍ଷରୁ ହୋଇଥିବା ୩ଟି ସଂରକ୍ଷିତ ମାମଲାର ଶୁଣାଣି ଗତ ସେପ୍ଟେମ୍ବର ୧ତାରିଖରେ ରାୟ ପ୍ରକାଶ ପାଇଥିଲା। ଆରପଟ୍ଟା ଓ ଡିଙ୍ଗିରା ସଇରାତର ଲିଜ୍‌ଧାରୀ ପ୍ରଦୀପ ବିନ୍ଧାଣୀଙ୍କୁ ୩୦କୋଟି ୫୦ଲକ୍ଷ ୪୪ହଜାର ୨୭୨ଟଙ୍କା କ୍ଷତିଭରଣା ପାଇଁ ରାୟରେ ପ୍ରକାଶ ପାଇଥିଲା। ସେହିପରି ମହୁପୁରା ସଇରାତର ଲିଜ୍‌ଧାରୀ କୃପାସିନ୍ଧୁ ସିଂଙ୍କୁ ୧୬କୋଟି ୩୩ଲକ୍ଷ ୩ହଜାର ୨୪୪ଟଙ୍କା କ୍ଷତିଭରଣା ନିର୍ଦ୍ଦେଶ ରହିଥିଲା। ବଡ଼ସାହି ବ୍ଲକ ଛେଳିଆ ପୁନ୍ଦାଳ ଗ୍ରାମର ରାଧାମୋହନ ସିଂଙ୍କ ଅଭିଯୋଗକ୍ରମେ ୩ଟି ମାମଲା ୩୦/୨୨, ୩୧/୨୨ ଓ ୪୦/୨୨ରେ ଏନ୍‌ଜିଟିରେ ରୁଜୁ ହୋଇଥିଲା। ଏହାକୁ ନେଇ ଗତ ଅଗଷ୍ଟ ୨୫ତାରିଖରେ ଏନ୍‌ଜିଟି ଷ୍ଟାଣ୍ଡିଂ କମିଟି ଉପସ୍ଥିତିରେ ଭର୍ଚ୍ୟୁଆଲ ମୋଡ୍‌ରେ ମାମଲାର ବିଚାର ଶେଷ ହୋଇଥିଲା। ଆରପଟ୍ଟା ସଇରାତରୁ ବହୁଗୁଣା ବାଲି ଉତ୍ତୋଳନ କରାଯାଇ ପରିବେଶ ଓ ଜୈବ ବିବିଧତାରେ କ୍ଷତି ପହଞ୍ଚାଇବା ବାବଦରେ ୪ କୋଟି ୭୧ଲକ୍ଷ ୩୮ହଜାର ୮୬୮ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଟଙ୍କା ଓ ରାଜସ୍ୱ ହାନି ବାବଦରେ ୧କୋଟି ୯୧ଲକ୍ଷ ୯୦ହଜାର ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୬ କୋଟି ୮୪ଲକ୍ଷ ୨୮ହଜାର ୮୬୮ଟଙ୍କା ଜରିମାନା ଦେବାକୁ ରାୟରେ ଦର୍ଶାଇଥିଲେ। ସେହିପରି ଡିଙ୍ଗିରା ସଇରାତ ବାବଦରେ ୧୧କୋଟି ୮୯ଲକ୍ଷ ୭୭ହଜାର ୪୦୪ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ ଲକ୍ଷ ଓ ରାଜସ୍ୱହାନି ବାବଦରେ ୧୧କୋଟି ୫୫ଲକ୍ଷ ୩୮ହଜାର ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୨୩କୋଟି ୬୬ଲକ୍ଷ ୧୫ହଜାର ୪୦୪ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଥିଲା। ଆରପଟା ଓ ଡିଙ୍ଗିରା ସଇରାତରୁ ମୋଟ ୩୦କୋଟି ୫୦ଲକ୍ଷ ୪୪ହଜାର ୨୭୨ଟଙ୍କା ପୈଠ କରିବାକୁ ଲିଜ୍‌ଧାରୀ ପ୍ରଦୀପ ବିନ୍ଧାଣୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ମହୁପୁରା ସଇରାତରୁ ପରିବେଶ ଓ ଜୈବ ବିବିଧତାରେ କ୍ଷତି ପହଞ୍ଚାଇବା ବାବଦରେ ୧୨କୋଟି୩୫ଲକ୍ଷ ୮୪ହଜାର ୮୪୪ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଓ ରାଜସ୍ୱହାନି ବାବଦରେ ୩କୋଟି ୭୬ଲକ୍ଷ ୧୮ହଜାର ୪୦୦ ଟଙ୍କାକୁ ମିଶାଇ ମୋଟ ୧୬କୋଟି ୩୩ଲକ୍ଷ ୩ହଜାର ୨୪୪ଟଙ୍କା ପୈଠ କରିବାକୁ ଲିଜ୍‌ଧାରୀ କୃପାସିନ୍ଧୁ ସିଂଙ୍କୁ ନିର୍ଦ୍ଦେଶ ରହିଥିଲା। ଏହାକୁ ନେଇ ଉଭୟ ଲିଜ୍‌ଧାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ପୃଥକ ଭାବେ ଜରିମାନା ପୈଠ ନ କରି ସର୍ବୋଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଯାହାର ଶୁଣାଣି କରି ଖଣ୍ଡପୀଠ ଫେବୃୟାରୀ ୧ରେ କୃପାସିନ୍ଧୁ ସିଂ ଓ ଫେବୃୟାରୀ ୧୭ରେ ପ୍ରଦୀପ ବିନ୍ଧାଣୀଙ୍କୁ ୬ ସପ୍ତାହ ମଧ୍ୟରେ ଯଥାକ୍ରମେ ୫କୋଟି ଓ ୨କୋଟି ଟଙ୍କା ମାମଲାର ବିଚାର ପାଇଁ ଦାଖଲ କରିବାକୁ ରାୟରେ ଦର୍ଶାଇଥିଲେ। ଇତିମଧ୍ୟରେ କୃପାସିନ୍ଧୁଙ୍କ ସମୟ ଅବଧି ଶେଷ ହୋଇଥିବା ବେଳେ ପ୍ରଦୀପଙ୍କ କ୍ଷେତ୍ରରେ ଗୋଟିଏ ସପ୍ତାହ ସମୟ ରହିଛି। ସମୟ ମଧ୍ୟରେ ଟଙ୍କା ଦାଖଲ ନ କରିପାରିଲେ ଆବେଦନ ଖାରଜ ହେବ। ତତସହିତ ଏନଜିଟି ରାୟ ବଳବତ୍ତର ରହିବ। ପୂର୍ବ ରାୟ ମୁତାବକ ଟଙ୍କା ଦାଖଲ କରି ନ ପାରିଲେ ଉଭୟ ଲିଜ୍‌ଧାରୀଙ୍କୁ ଦେବାଳିଆ ଘୋଷଣା ସହିତ ସମ୍ପତ୍ତି ବ୍ୟାଜାପ୍ତି କରାଯିବ ବୋଲି ରାୟରେ ପ୍ରକାଶ ପାଇଛି। ଏନେଇ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ସାର୍ଟିଫିକେଟ ମାମଲା ଦାୟର କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ସୁସ୍ମିତା


@ବିକାଶ


@ମନୋଜ


@ଦିବ୍ୟଜ୍ୟୋତି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା କୃଷି ଜାଗରଣ ମେଳା ଉଦ୍‌ଘାଟିତ


ଆୟୋଜକଙ୍କ ପକ୍ଷରୁ ଦିଆଯାଇଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିକୃତିକୁ କେନ୍ଦ୍ରମନ୍ତ୍ରୀ ମୁଣ୍ଡରେ ରଖି କୃତଜ୍ଞତା ଜଣାଉଛନ୍ତି।

**ସମ୍ମାନିତ ହେବେ ୫ ଶହ ସଫଳ ଚାଷୀ**

ବାଲେଶ୍ୱର ଅଫିସ, ୨୫।୩

ବାଲେଶ୍ୱର ସଦର ଥାନା ଅଧୀନ କୁରୁଡା ପଡ଼ିଆରେ ଆୟୋଜିତ ୩ ଦିନିଆ କୃଷି ସଂଯନ୍ତ୍ର ନାମରେ ଏକ କୃଷି ଜାଗରଣ ମେଳା ଶନିବାର କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପରଷୋତ୍ତମ ରୁପାଲାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମେଳା ଆୟୋଜକଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିକୃତିକୁ କେନ୍ଦ୍ରମନ୍ତ୍ରୀ ମୁଣ୍ଡରେ ରଖି କୃତଜ୍ଞତା ଜ୍ଞାପନ କରିଥିଲେ। ଆକ୍ୱାପାର୍କ ସମ୍ପର୍କରେ କରାଯାଇଥିବା ଦାବିକୁ କିପରି ଭାବେ ପୂରଣ କରାଯିବ ସେଥିପାଇଁ ଯତ୍ନବାନ ହେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଜିଲା ମତ୍ସ୍ୟଚାଷ କ୍ଷେତ୍ରରେ ଅଗ୍ରଣୀ ହୋଇଥିଲେ ହେଁ ବିକ୍ରି ପାଇଁ ମାର୍କେଟ ନାହିଁ। କିନ୍ତୁ ଖୁବ୍‌ଶୀଘ୍ର ଏ ସମସ୍ୟାର ସମାଧାନ ହେବାକୁ ଯାଉଛି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ କୃଷିଜାତ ଉତ୍ପାଦନ ବଢ଼ିବା ସହ ବିକ୍ରି ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ କୃଷକ, ଗୋପାଳକ, ମତ୍ସ୍ୟ ଚାଷୀ, ମତ୍ସ୍ୟ ଶିଳ୍ପୋଦ୍ୟୋଗୀ, କୃଷି ଯନ୍ତ୍ରପାତି ଓ ନିର୍ମାତା, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ, କୃଷି ବୈଜ୍ଞାନିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ବିଭିନ୍ନ ସମବାୟ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ), ମତ୍ସ୍ୟ-କୃଷକ ଉତ୍ପାଦକ ସଂଘ (ଏଫ୍ଏଫ୍‌ପିଓ), ବ୍ୟବସାୟୀ, ସରକାରୀ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ ଓ ଅନ୍ୟାନ୍ୟ ବ୍ୟାଙ୍କର ଅଧିକାରୀ ଯୋଗ ଦେଇଥିଲେ। ୩ଦିନ ଚାଲିବାକୁ ଥିବା କୃଷି ମେଳାରେ ୫ଶହ ସଫଳ ଚାଷୀଙ୍କୁ ସମ୍ମାନିତ କରାଯିବ। ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି କୃଷକ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କୃଷି ଜାଗରଣ ମେଳାରେ ଚାଷୀମାନଙ୍କୁ ଚାଷ, ସଂରକ୍ଷଣ, ପ୍ରକ୍ରିୟାକରଣ, ବଜାର, ଅର୍ଥାଗମ ଓ ଅର୍ଥ ପରିଚାଳନା, ସବ୍‌ସିଡି ଓ ଅନ୍ୟାନ୍ୟ ବୈଷୟିକ ପ୍ରଶିକ୍ଷଣ ପ୍ରଦାନ କରାଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଉଦ୍ୟୋଗୀ ଓ ଅନ୍ୟାନ୍ୟ ଶିଳ୍ପୋଦ୍ୟୋଗୀ ମାନଙ୍କର ଷ୍ଟଲ୍ ଲାଗିଥିବା ବେଳେ ଉତ୍ପାଦିତ ସାମଗ୍ରୀ ବିକ୍ରୟ ହେଉଛି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୁରୁଡ଼ା ସେବା ସମବାୟ ସମିତିର ବାର୍ଷିକ ସଭା

ରେମୁଣା, ୨୫।୩(ଡି.ଏନ.ଏ.)

ରେମୁଣା ସମବାୟ ବ୍ୟାଙ୍କ ଅଧୀନ କୁରୁଡ଼ା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତି ପରିସରରେ ସଭାପତି ଅନଙ୍ଗ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରେମୁଣା ସମବାୟ ବ୍ୟାଙ୍କର ସୁପରଭାଇଜର ସୂର୍ଯ୍ୟକାନ୍ତ ମିଶ୍ର ଉପସ୍ଥିତ ରହି ସାଧାରଣ ସଭାରେ ସଭ୍ୟାସଭ୍ୟମାନଙ୍କୁ ଉନ୍ନତପ୍ରଣାଳୀରେ ବିଭିନ୍ନ ଚାଷ ଋଣ ସମ୍ବନ୍ଧରେ ପରାମର୍ଶ କରିଥିଲେ। ସମିତିର ସଭ୍ୟ ଖଗେଶ୍ୱର ଭୋଇଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବାରୁ ତାଙ୍କର ସ୍ତ୍ରୀ ସୁଜାତା ଭୋଇଙ୍କୁ ଚାଷ ଋଣ ବାବଦରେ ହୋଇଥିବା ଦୁର୍ଘଟଣା ବୀମା ରାଶି ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଗତବର୍ଷ ସାଧାରଣ ସଭାର ବିବରଣୀ ସମିତିର ସମ୍ପାଦକ ଲକ୍ଷ୍ମୀଧର ସାହୁ ପାଠ କରି ଶୁଣାଇବା ପରେ ସଭାପତି ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସ୍ଥିତ ସଭ୍ୟାସଭ୍ୟ ବିଭିନ୍ନ ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପସଭାପତି ମୋନାଲିସା ନାୟକଙ୍କ ସହିତ ସମିତିର ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ଉପସ୍ଥିତ ଥିବାବେଳେ ପୂର୍ବତନ ସଭାପତି କାର୍ତ୍ତିକ ଚନ୍ଦ୍ର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ପକ୍ଷରୁ ମନମୋହନଙ୍କୁ ସମ୍ବର୍ଦ୍ଧନା


ଭାଜପା କର୍ମକର୍ତ୍ତା ନୂତନ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଉଛନ୍ତି।

ଧାମନଗର,୨୫।୩ (ଡି.ଏନ.ଏ.)

ଭାଜପାର ନୂତନ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଶନିବାର ଅପରାହ୍ନରେ ଧାମନଗର ବିଧାନସଭା କ୍ଷେତ୍ର ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ଏହି ବିଧାନସଭା କ୍ଷେତ୍ର ଅଧୀନ ତିହିଡ଼ି ଏବଂ ଧାମନଗର ବ୍ଲକର ଶତାଧିକ ନେତା ଓ କର୍ମୀ ଭଦ୍ରକଠାରେ ତାଙ୍କୁ ସାକ୍ଷାତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ। ମନମୋହନ ତାଙ୍କ ରାଜନୈତିକ ଜୀବନର ମୂଳଦୁଆ ପକାଇଥିବା ଧାମନଗରର ଭାଜପା କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇ ସଙ୍ଗଠନକୁ ସକ୍ରିୟ ଓ ଶୃଙ୍ଖଳିତ କରି ଚଳାଇବାକୁ ପରାମର୍ଶ ଦେଇଛନ୍ତି। ଜିଲା ଭାଜପା ସଭାପତି ହେମନ୍ତ ପାଢୀ, ବରିଷ୍ଠ ନେତା ବଦ୍ରିନାରାୟଣ ଧଳ, ବିଧାନସଭା ସଂଯୋଜକ ଅଶୋକ ପୁହାଣ, ଜିଲା ଉପସଭାପତି ଦୁର୍ଗା ଚରଣ ନାୟକ, ରଘୁନାଥ ପାତ୍ର, ଚତୁର୍ଭୁଜ ନାୟକ, ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ଦେବେନ୍ଦ୍ର ପୁହାଣ, ମଣ୍ଡଳ ସଭାପତି ରାମଚନ୍ଦ୍ର ମିଶ୍ର, ଅରବିନ୍ଦ ପତି, ତପନ ପାଢୀ, ପ୍ରମୋଦ ଦାସ, ଜିଲା ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠ ସାହୁ, ଆଇଟି ସେଲ୍ ପ୍ରଭାରୀ ପ୍ରଶାନ୍ତ ନାୟକ ପ୍ରମୁଖ ତାଙ୍କୁ ଭେଟିଥିଲେ। ସରପଞ୍ଚ ଅଶୋକ ପଣ୍ଡା, ରଞ୍ଜନ ପଣ୍ଡା, ସୂରଜ ସାହୁ, ରାଜେନ୍ଦ୍ର ସାହୁ, ଗୟାଧର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟା ଉମାମଣି ସାହୁ, ଲକ୍ଷ୍ମୀଧର ପାଣିଗ୍ରାହୀ, ବିଜୟ ଶଙ୍କର ନାୟକ, ବୀରେନ୍ଦ୍ର ଜେନା, ବିଧାୟକଙ୍କ ଏନ୍‌ଏସି ପ୍ରତିନିଧି ଶରତ ମହାନ୍ତି, ସୁଧାଂଶୁ ପାଣିଗ୍ରାହୀ, ସାଇ ଶରଣ ବେହେରା, ସଞ୍ଜୀବ ବେହେରା, ରାଜୀବ ଦାସ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଉଦଳା ଓକିଲ ସଂଘ**

# ପୁଣି ଲମ୍ବୋଦର ସଭାପତି, ବସନ୍ତ ସମ୍ପାଦକ

ଉଦଳା, ୨୫।୩ (ଡି.ଏନ.ଏ.)



ମୟୂରଭଞ୍ଜ ଜିଲା ଉଦଳା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ନିମନ୍ତେ ଲମ୍ବୋଦର ବେହେରା ଏବଂ ରବିନ ପଟ୍ଟନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଲମ୍ବୋଦର ୯ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିବା ବେଳେ ନିଜ ପଦ ବଜାୟ ରଖିଛନ୍ତି। ସେହିପରି ଉପସଭାପତି ପଦରେ ମନୋଜ ଦାସ ପ୍ରତିଦ୍ୱନ୍ଦ୍ୱୀ କମଳାକାନ୍ତ ମହାନ୍ତିଙ୍କୁ ୩୭ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସମ୍ପାଦକ ପଦ ପାଇଁ ବସନ୍ତ କୁମାର ପରିଡ଼ା ଏବଂ ପ୍ରଭୁପଦ ପରିଡ଼ାଙ୍କ ମଧ୍ୟରେ ହୋଇଥିଲା ଲଢ଼େଇ। ବସନ୍ତ ୧୯ ଖଣ୍ଡ ଭୋଟ୍‌ରେ ବିଜୟୀ ହେବା ସହ ପୁନର୍ବାର ନିଜ ପଦ ବଜାୟ ରଖିଛନ୍ତି। ସହସମ୍ପାଦକ ଭାବେ ରବୀନ୍ଦ୍ର ଜେନା ଓ କୋଷାଧ୍ୟକ୍ଷ ଭାବେ ନିରାକାର ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ଜିତିଛନ୍ତି।

# ୨.୮୫ ଲକ୍ଷ ଟଙ୍କା ହଡ଼ପ, ଗ୍ରାହକ ସେବାକେନ୍ଦ୍ର ପରିଚାଳକ ଗିରଫ

- ୬୦ ଏଟିଏମ୍ କାର୍ଡ, ଶହେ ପାସ୍‌ବୁକ୍, ୨ ମୋବାଇଲ ସହ କାର୍ ଜବତ
- ଠକାମିର ଶିକାର ହୋଇଥିଲେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ

ବାସୁଦେବପୁର, ୨୫।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଇରମ ପଞ୍ଚାୟତ ତିଳଦା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ହରିବନ୍ଧୁ ପାଣିଙ୍କ ଆକାଉଣ୍ଟରୁ ୨.୮୫ ଲକ୍ଷ ଟଙ୍କା ହଡ଼ପ ହୋଇଥିଲା। ଏହି ଘଟଣାରେ ଇରମ ବଜାର ନିକଟସ୍ଥ ଏସ୍‌ବିଆଇର ଗ୍ରାହକ ସେବାକେନ୍ଦ୍ର ପରିଚାଳକ ରଞ୍ଜନ କୁମାର ମହାରଣାଙ୍କୁ ବାସୁଦେବପୁର ପୋଲିସ ଶନିବାର ଗିରଫ କରିଛି। ଗିରଫ ରଞ୍ଜନଙ୍କ ଘର ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଗୁଡ଼ ଗ୍ରାମରେ। ପୋଲିସ ତାଙ୍କଠାରୁ ୨ ମୋବାଇଲ, ୬୦ ଏଟିଏମ୍ କାର୍ଡ, ଶହେଟି ପାସ୍‌ବୁକ୍ ସହ ଏକ କାର୍ ଜବତ କରି ଘଟଣାର ଖୋଳତାଡ଼ ଆରମ୍ଭ କରିଛି।

ପୋଲିସ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ରଞ୍ଜନ ଇରମ ପୋଷ୍ଟ ଅଫିସ ପାଖରେ ବାସୁଦେବପୁର ଏସ୍‌ବିଆଇ ଶାଖାରୁ ଏକ ଗ୍ରାହକ ସେବାକେନ୍ଦ୍ର ଫ୍ରାଞ୍ଚାଇଜ ନେଇ କାର୍ଯ୍ୟ କରୁଥିଲେ। ଏହି ସେବାକେନ୍ଦ୍ରରେ ସେ ପରିଚାଳକ ଦାୟିତ୍ୱ ତୁଲାଉଥିଲେ। ହରିବନ୍ଧୁ ପାସ୍‌ବୁକ ଓ ଏଟିଏମ୍ କାର୍ଡ ଦ୍ୱାରା ଏହି କେନ୍ଦ୍ରରୁ ଟଙ୍କା ଉଠାଣ କରୁଥିଲେ। ତାଙ୍କ ପାସ୍‌ବୁକ୍‌ରେ ଲକ୍ଷାଧିକ ଟଙ୍କା ଥିବା ରଞ୍ଜନ ଜାଣି ନିଜେ ଉଠାଇ ନେବାକୁ ଯୋଜନା କରିଥିଲେ। ସେ ଚଞ୍ଚକତା ପୂର୍ବକ ହରିବନ୍ଧୁଙ୍କଠାରୁ ଏକ ଫର୍ମରେ ଦସ୍ତଖତ ନେଇ ଏଟିଏମ୍ କାର୍ଡ ଆବେଦନ କରିଥିଲେ। ନୂତନ ଏଟିଏମ୍ କାର୍ଡ ହରିବନ୍ଧୁଙ୍କ ନାମରେ ପୋଷ୍ଟଅଫିସକୁ ଆସିବା ପରେ ପୋଷ୍ଟପିଅନ ଗତ ଡିସେମ୍ବର ୧୩ରେ ତାଙ୍କୁ ଦେଇଥିଲେ। ଏକଥା ରଞ୍ଜନ ଜାଣିବା ପରେ ପୋଷ୍ଟପିଅନଙ୍କୁ ପଠାଇ ପରଦିନ ହରିବନ୍ଧୁଙ୍କଠାରୁ ଏଟିଏମ୍ କାର୍ଡ ନେଇ ଆସିଥିଲେ। ଏଟିଏମ୍ କାର୍ଡ ହାତେଇବା ପରେ ନୂଆ ପିନ୍ ଜେନେରେଟ କରି ୨୦୨୨ ଡିସେମ୍ବର ୧୫, ୧୬, ୧୭, ୧୮ ତାରିଖ ୪ଦିନ ମଧ୍ୟରେ ହରିବନ୍ଧୁଙ୍କ ଆକାଉଣ୍ଟରୁ ୧୨ ଥରରେ ୨.୮୫ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଜାନୁୟାରୀ ୪ରେ ହରିବନ୍ଧୁ ପାସ୍‌ବୁକ୍ ଅପ୍‌ଡେଟ କରିବା ପାଇଁ ସେବାକେନ୍ଦ୍ରକୁ ଯିବା ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଫେବୃୟାରୀ ୧୬ରେ ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଷ୍ଟ ପିଅନଙ୍କ ନାମରେ ମଧ ମାମଲା (ନଂ. ୮୩/୨୩) ରୁଜୁ କରାଯାଇଛି।

# ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧମିକରେ ଉନ୍ନୀତ କରିବାକୁ ଦାବି

**ମନ୍ତ୍ରୀ, ସଚିବଙ୍କୁ ବିଧାୟକଙ୍କ ଦାବିପତ୍ର**

କେନ୍ଦୁଝର, ୨୫।୩ (ସ୍ୱ.ପ୍ର.)



କେନ୍ଦୁଝର ଭଳି ଆଦିବାସୀବହୁଳ ଜିଲାରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ନିମିତ୍ତ ପାଟଣା ବିଧାୟକ ତଥା କେନ୍ଦୁଝର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ ଅନୁସୂଚିତ ଜନଜାତି ବିଭାଗର ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ଉଚ୍ଚ ମାଧମିକ ବିଦ୍ୟାଳୟରେ ଉନ୍ନିତ କରିବାକୁ ଦାବି କରିଛନ୍ତି। ଏନେଇ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଭାଗୀୟ କମିଶନର ରୂପାରୋଶନ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିକୁ ଗୁରୁତର ସହ ବିଚାର କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବିଧାୟକ କହିଛନ୍ତି। କେନ୍ଦୁଝର ଜିଲାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୩୧ଟି ଉଚ୍ଚ ବିଦ୍ୟାଳୟ ରହିଛି। ଏଥିରୁ ପ୍ରତିବର୍ଷ ପ୍ରାୟ ୨୫୦୦ ଛାତ୍ରୀଛାତ୍ର ମାଟ୍ରିକ୍ ପାସ୍ କରୁଥିଲେ ମଧ ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ବିଭାଗ ତରଫରୁ ଅଧିକ ଉଚ୍ଚ ମାଧମିକ ବିଦ୍ୟାଳୟ ନାହିଁ। ଓଡ଼ିଶାରେ ଏହି ବିଭାଗ ଅଧୀନରେ ୮ ଶିକ୍ଷା ଜୋନ୍ ଥିବାବେଳେ କେନ୍ଦୁଝର ଜିଲାରେ ମଧ ଗୋଟିଏ ଜୋନ୍‌ର ମୁଖ୍ୟ କାର୍ଯ୍ୟାଳୟ ଅଛି। ଏହି ଜୋନ୍ ଅଧୀନରେ କେନ୍ଦୁଝର, ଯାଜପୁର, କଟକ, କେନ୍ଦ୍ରାପଡ଼ା,ଖୋର୍ଦ୍ଧା, ପୁରୀ, ନୟାଗଡ଼, ଜଗତସିଂହପୁର, ଢେଙ୍କାନାଳ, ଅନୁଗୁଳ ଇତ୍ୟାଦି ୧୦ଟି ଜିଲା ରହିଛି। କିନ୍ତୁ ଏହି ଜୋନ୍‌ରେ ମାତ୍ର ୨ଟି ଉଚ୍ଚ ମାଧମିକ ବିଦ୍ୟାଳୟ ଯଥା ରାଇଡ଼ିହା ଏବଂ ମାଟକାମବେଡ଼ାରେ କାର୍ଯ୍ୟ କରୁଛି। ଛାତ୍ରୀଛାତ୍ରଙ୍କ ଡ୍ରପ୍ ଆଉଟ୍ ହାର କମାଇବା ତଥା ଜିଲାର ଅନୁସୂଚିତ ଜନଜାତି ଓ ଜାତି ଛାତ୍ରୀଛାତ୍ରମାନଙ୍କର ଉଚ୍ଚ ଶିକ୍ଷା ପାଇଁ ପୂର୍ବତନ ବିଭାଗୀୟ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଶୁଆକାଟି ଉଚ୍ଚ ବିଦ୍ୟାଳୟ, ବଳ୍ପିବାରିଗାଁ ଉଚ୍ଚ ବିଦ୍ୟାଳୟ, ଚିଲିଦା ବାଳିକା ଉଚ୍ଚ ବିଦ୍ୟାଳୟ, ଅସନପାଟ ବାଳିକା ଉଚ୍ଚ ବିଦ୍ୟାଳୟ, ନରଣପୁର ଉଚ୍ଚ ବିଦ୍ୟାଳୟ ଓ ବସନ୍ତପୁର ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଖୋଲିବା ପାଇଁ ବିଭାଗୀୟ ସଚିବଙ୍କୁ ପ୍ରସ୍ତାବ ଦେଇଥିଲେ। ସେହି ପ୍ରସ୍ତାବ ଅନୁସାରେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନ୍ତ୍ରୀ ଏବଂ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

